ଧରିତ୍ରୀ
DHARITRI
October 16-22, 2022 ₹ 2/-

ଛୁଟିଦିନ

# ମାର୍ଗଦର୍ଶକ

ମଣିଷର ପରିସ୍ଥିତି ବେଳେବେଳେ ଏମିତି ହୋଇଯାଏ ଜୀବନ ତା’ ପାଇଁ ବିଷ ପାଲଟିଯାଏ। ତେବେ ଏମିତି ପରିସ୍ଥିତିରୁ ତାକୁ ବାହାର କରିବା ସହ ଜୀବନ ଜିଇଁବା ପାଇଁ ଯେ, ପରାମର୍ଶ ଦିଅନ୍ତି ସେ କେବଳ ମାର୍ଗଦର୍ଶକ ହିଁ ହୋଇପାରନ୍ତି....

୩
ପ୍ରଚ୍ଛଦ ପ୍ରସଙ୍ଗ



## ସୌଭାଗ୍ୟ ବଢାଏ ମାଟିପାତ୍ର

ପୂର୍ବେ ଘରମାନଙ୍କରେ ପାଣିପାତ୍ର ହେଉ କି ଖାଇବା ପାତ୍ର ସବୁକିଛି ମାଟିର ଥିଲା । କିନ୍ତୁ ସମୟକ୍ରମେ ଏହା ସ୍ଥାନରେ ଷ୍ଟିଲ୍, କାଚ ତଥା ଚିନାମାଟିରେ ତିଆରି ଆକର୍ଷଣୀୟ ପାତ୍ରର ବ୍ୟବହାର କରାଗଲା । ହେଲେ ବାସ୍ତୁଶାସ୍ତ୍ର ଅନୁଯାୟୀ, ମାଟିରେ ତିଆରି ଏମିତି ବି କିଛି ପାତ୍ର ବା ଜିନିଷ ରହିଛି ; ଯାହାକୁ ଘରେ ରଖିଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ଭାଗ୍ୟ ବି ବଦଳିଥାଏବୋଲି ବିଶ୍ୱାସ ରହିଛି..



✲ **ମାଠିଆ:** ଫ୍ରିଜ୍‌ର ଥଣ୍ଡା ପାଣି ପିଇବା ଅନେକଙ୍କର ପସନ୍ଦ । କିନ୍ତୁ ଏହା ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ । ହେଲେ ମାଠିଆରେ ଥିବା ପାଣି ପିଇବାକୁ ଥଣ୍ଡା ଲାଗିବା ସହ ସ୍ୱାସ୍ଥ୍ୟ ପାଇଁ ଉପକାରୀ ମଧ୍ୟ ହୋଇଥାଏ । ତେବେ ଘରର ଉତ୍ତର ଦିଗରେ ମାଟିରେ ତିଆରି ପାଣି ଭର୍ତ୍ତି ମାଠିଆ ବା ସୁରେଇ ରଖିଲେ ଘରେ ନକାରାତ୍ମକ ଉର୍ଜା କମିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

✲ **ମାଟିର କଳାକୃତି:** ବାସ୍ତୁଶାସ୍ତ୍ର ଅନୁସାରେ, ଘରର ଉତ୍ତର-ପୂର୍ବ ତଥା ଦକ୍ଷିଣ-ପଶ୍ଚିମ ଦିଗର ସମ୍ପର୍କ କୁଆଡ଼େ ଭୂ-ତତ୍ତ୍ୱ ସହିତ ରହିଥାଏ । ତେଣୁ ଏହି ଦିଗରେ ମାଟି ତିଆରି କୌଣସି ଘରସଜ୍ଜା ସାମଗ୍ରୀ ରଖିଲେ ଘରେ ଶୁଭ ହେବା ସହ ସୁଖ ଶାନ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ ।

✲ **ମାଟି ଦ୍ୱୀପ:** ଦୀପାବଳୀରେ ଅନେକେ ଘରେ ମାଟିର ଦୀପ ଜଳାଇଥାନ୍ତି । କେବଳ ଦୀପାବଳୀ କାହିଁକି ଅନ୍ୟ ଦିନରେ ବି ଘରେ ଗୋଟିଏ ମାଟି ଦ୍ୱୀପ ଜାଳିଲେ ଶୁଭ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି ।

✲ **ମାଟି କୁଣ୍ଡ:** ଘରେ ମାଟି କୁଣ୍ଡରେ ଫୁଲଗଛ ଲଗାଇଲେ ଐଶ୍ୱର୍ଯ୍ୟ ବୃଦ୍ଧି ସହ ପରିବାର ସଦସ୍ୟଙ୍କର ସ୍ୱାସ୍ଥ୍ୟ ଭଲ ରହିଥାଏ ବୋଲି ବିଶ୍ୱାସ ଅଛି ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୧୬-୨୨

### ମେଷ



ଶୁଭଖବର ପ୍ରାପ୍ତି, ବନ୍ଧୁଙ୍କ ଆଗମନ, ପାରିବାରିକ ଆଲୋଚନା , ପଡୋଶୀଙ୍କ ମତଭେଦ, ଶାରୀରିକ ସୁସ୍ଥତା, କାର୍ଯ୍ୟହାନିରୁ ବ୍ୟସ୍ତତା, ଭ୍ରମଣରେ ବାଧା, ନୂତନ କର୍ମସଂସ୍ଥାନ, ଯୋଜନାର ଅଗ୍ରଗତି, ଲେଖାପଢ଼ାରେ କୁଶଳତା,ଜନମଙ୍ଗଳ କାର୍ଯ୍ୟରୁ ପ୍ରଶଂସା ।

### ବୃଷ




କର୍ମକ୍ଷେତ୍ରରେ ସୁନାମ, ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ବନ୍ଧୁଙ୍କ ସମାଲୋଚନା, ଅସନ୍ତୁଳିତ ମାନସିକ ସ୍ଥିତି, ଆର୍ଥିକ ପ୍ରଗତି , ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ସମସ୍ୟା, ମକଦ୍ଦମାରୁ ମନସ୍ତାପ ।

### ମିଥୁନ



ମାନସିକ ସ୍ଥିରତା, ବନ୍ଧୁଙ୍କ ସାହାଯ୍ୟ, ବିଗତ ଘଟଣାର ସମୀକ୍ଷା, ଅର୍ଥଯୋଗାଡ଼ର ପ୍ରଚେଷ୍ଟା, ଦାୟିତ୍ୱ ଅବହେଳାରୁ ଭର୍ତ୍ସନା, ଧର୍ମାନୁଷ୍ଠାନରେ ନେତୃତ୍ୱ , ଗୃହସଜ୍ଜୀକରଣ, ଯାନବାହନର ମରାମତି ।

### କର୍କଟ



ସମସ୍ୟାବହୁଳ, କର୍ମଜଞ୍ଜାଳ ବଢ଼ିଯିବ, ଚାପ ବୃଦ୍ଧି ପାଇବ, ଅବସର ପାଇବେ ନାହିଁ , କାମ ହାସଲ କରିବେ, ଦୂରସ୍ଥାନକୁ ଯାତ୍ରା, ଶାରୀରିକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ରାଜନୈତିକ ବିତର୍କ ।

### ସିଂହ



ସମସ୍ୟା ସମାଧାନ , ଧନବ୍ୟୟରୁ ମନସ୍ତାପ, ସମାଲୋଚିତ ହୋଇପାରନ୍ତି, ବନ୍ଧୁ ସମ୍ପର୍କ ହାନି, ପରିସ୍ଥିତିର ମୁକାବିଲା, ଧର୍ମକାର୍ଯ୍ୟ ପ୍ରତି ରୁଚି,ପରିଜନଙ୍କ ସହ ଭ୍ରମଣ , କାର୍ଯ୍ୟସିଦ୍ଧିରୁ ଖୁସି, ସାହିତ୍ୟସଙ୍ଗୀତରେ ସୁନାମ,ପିତୃବର୍ଗରେ ପୀଡ଼ା ।

### କନ୍ୟା



କର୍ମଦକ୍ଷତାରୁ ପ୍ରଶଂସା,ଉତ୍ସାହିତ ହେବେ, ସହାୟତା ପାଇବେ, ବନ୍ଧୁମିଳନ, ସାମାଜିକ ସମ୍ମାନ, ଦୁଃସାଧ୍ୟ କାର୍ଯ୍ୟସାଧନ, ଲକ୍ଷ୍ୟହୀନଯାତ୍ରା, ସ୍ୱାସ୍ଥ୍ୟହାନି, ସ୍ତ୍ରୀଙ୍କ ସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି ।

### ତୁଳା



କାର୍ଯ୍ୟବ୍ୟସ୍ତତା, ଅସୁବିଧା ଭୋଗିବେ, ଆଶାପୂରଣ ହେବ, ବାଣିଜ୍ୟରେ ଲାଭାଂଶ ବୃଦ୍ଧି, ବନ୍ଧୁମିଳନ, ଭୃତ୍ୟବର୍ଗରେ ସମସ୍ୟା, ଜମିଜମା କଳହ,ଯାତ୍ରାରେ ପ୍ରତିବନ୍ଧକ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି , କରଜ କରିପାରନ୍ତି ।

### ବିଛା



ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ବନ୍ଧୁ କ୍ଷୁବ୍ଧ ହେବେ , ଅସମ୍ପୂର୍ଣ୍ଣ କାର୍ଯ୍ୟରୁ ବ୍ୟସ୍ତତା, ବନ୍ଧୁଙ୍କ ଅନାଦର ଭାବ, ସାମୟିକ ମନ ଦୁଃଖ,ପରିସ୍ଥିତି ହାଲୁକା ହେବ, ବନ୍ଧୁ ମିଳନରୁ ଆନନ୍ଦ , ଯାତ୍ରାରେ ସଫଳତା, ଆଶା ଅନୁରୂପ ଫଳ ।

### ଧନୁ



ମର୍ଯ୍ୟାଦାଜନକ ସ୍ଥିତି, ଖୁସିର ଆସର ଜମିବ, ନିର୍ମାଣ ପୂର୍ଣ୍ଣାଙ୍ଗହେବ, ସମସ୍ୟାର ସମାଧାନ, ଖୋଜୁଥିବା ଜିନିଷ ପାଇବେ, ବନ୍ଧୁସମ୍ପର୍କ ବ୍ୟାହତ, ଭୁଲ୍ କାମ କରିପାରନ୍ତି, ଶାରୀରିକ ପୀଡ଼ା,ବିବାଦରେ ବିଜୟ,ବାଣିଜ୍ୟରେ ସଫଳତା ।

### ମକର



ଆର୍ଥିକ ଦୁରାବସ୍ଥା , ପରିସ୍ଥିତି ବଦଳିଯିବ , ସଭାସମିତିକୁ ନିମନ୍ତ୍ରଣ, ସାମ୍ବାଦିକତାରୁ ଗୌରବ ,ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ସହକର୍ମୀଙ୍କ ଭୁଲ୍ ଧାରଣା, ପାରିବାରିକ ଶାନ୍ତି, ନୂଆ ସମ୍ପର୍କ ସୃଷ୍ଟି, ଶତ୍ରୁତାର ସମାଧାନ ।

### କୁମ୍ଭ



କାର୍ଯ୍ୟହାସଲରୁ ପ୍ରଶଂସା,ଅର୍ଥ ସମ୍ମାନ ପାଇବେ, ସମସ୍ୟା ସୁଧାରି ନେବେ, ଯାତ୍ରାରେ ଅସୁବିଧାରେ ପଡ଼ିପାରନ୍ତି, ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟ,ନୀଚଜନ ସହ ବିବାଦ,ଅପଯଶ ପାଇପାରନ୍ତି, ଧାତୁ ଅଳଙ୍କାର କିଣିବେ,ପଡ଼ୋଶୀଙ୍କ ସହୃଦୟତା ।

### ମୀନ



ଅଜୀର୍ଣ୍ଣ ପୀଡ଼ା, ଅତୀତ ଘଟଣାର ଅନୁଚିନ୍ତା,ସାଧାରଣ କଥାରୁ କଳହ, ଅର୍ଥଲାଭର ଯୋଜନା, ସାମାଜିକ ସ୍ତରରେ ବିଦ୍ରୋହ, ଶୁଭ ଖବର ପାଇବେ, ସମସ୍ୟାର ସମଧାନ, ଆମୋଦ ପ୍ରମୋଦର ମଉକା, ସହଯୋଗର ଅଭାବ ରହିବନାହିଁ ।

## ନାଚୁରାଲ ହେଲ୍‌ଥ ଟିପ୍ସ

ଫିଟ୍ ଆଣ୍ଡ ଫାଇନ୍ ରହିବା କାହାର ବା ଇଚ୍ଛା ନୁହେଁ । କିନ୍ତୁ ପରିବର୍ତ୍ତିତ ଜୀବନଶୈଳୀ ସାଙ୍ଗକୁ କାମର ଚାପ ଅନେକଙ୍କୁ ଅସମୟରେ ରୋଗାଗ୍ରସ୍ତ କରିପକାଏ । ହେଲେ ଏଠାରେ ଏମିତି କିଛି ସହଜ ଉପାୟ କୁହାଯାଉଛି, ଯାହାକୁ ଆପଣାଇ ଯେ କେହି ବି ସୁସ୍ଥ ରହିପାରିବେ । ସେଥିପାଇଁ ଏହାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନାଚୁରାଲ ହେଲ୍‌ଥ ଟିପ୍ସ ବୋଲି କହିଥାନ୍ତି ।

**ସୂର୍ଯ୍ୟକିରଣ:** ଏଥିରୁ ଆମକୁ ପ୍ରଚୁର ଭିଟାମିନ୍ ଡି ମିଳିଥାଏ ; ଯାହା ଆମର ହାଡକୁ ମଜଭୁତ୍ କରିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ସେଥିପାଇଁ ପ୍ରତିଦିନ ସକାଳେ ସୂର୍ଯ୍ୟଙ୍କର କଅଁଳ ଖରାରେ କିଛି ସମୟ ବୁଲିବା ନିହାତି ଜରୁରୀ ।

**ପାଣି:** ପ୍ରତ୍ୟେକ ବ୍ୟକ୍ତି ନିଜ ଶରୀରକୁ ଯେତିକି ଆବଶ୍ୟକ ସେତିକି ପରିମାଣର ପାଣି ପିଇବା ନିହାତି ଦରକାର । ଏହା କେବଳ ତାଙ୍କୁ ସ୍ୱାସ୍ଥ୍ୟବାନ କରିଥାଏ ତାହା ନୁହେଁ ତ୍ୱଚାରେ ଚମକ ବି ଆଣିଥାଏ ।

**ପୋଷକଯୁକ୍ତ ଖାଦ୍ୟ:** ତେଲ ମସଲାଯୁକ୍ତ ଖାଦ୍ୟ ପରିବର୍ତ୍ତେ ଯଦି ପ୍ରତିଦିନ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱରେ ଭରା ଖାଦ୍ୟ ଖିଆଯାଏ, ତା'ହେଲେ ବି ସ୍ୱାସ୍ଥ୍ୟ ଭଲ ରହିଥାଏ ।

**ନିଦ:** ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିଦିନ ପ୍ରାୟ ୭/୮ ଘଣ୍ଟା ଶୋଇବା ନିହାତି ଜରୁରୀ । ଏହା ଶରୀର ସାଙ୍ଗକୁ ମନ ଓ ମସ୍ତିଷ୍କକୁ ବି ଆରମ ଦେଇଥାଏ ।

କେବଳ ଏତିକି ନୁହେଁ ସୁସ୍ଥ ଜୀବନ ପାଇଁ ପ୍ରତିଦିନ କିଛି କିଛି ସମୟ ବ୍ୟାୟାମ୍ କରିବା ବି ଜରୁରୀ । ଏହାଛଡ଼ା ଉତ୍ତମ ବନ୍ଧୁ ସମ୍ପର୍କ ଓ ନିଜ ଉପରେ ଭରସା ରଖିଲେ ବି ମନ ଖୁସି ରହିବା ସହ ସ୍ୱାସ୍ଥ୍ୟ ଭଲ ରହିଥାଏ ।



## ପାଠକୀୟ

✲ ମା' ସେ ଜଗଜ୍ଜନନୀ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ତାଙ୍କ ମାତୃତ୍ୱରେ ସମସ୍ତଙ୍କୁ କୋଳେଇ ନିଅନ୍ତି । ତାଙ୍କ ମମତ୍ୱ ଓ ଅଭୟ ହିଁ ଏକତ୍ରିତ କରେ ଭିନ୍ନ ଭିନ୍ନ ବର୍ଗ ଓ ସମ୍ପ୍ରଦାୟର ମଣିଷଙ୍କୁ । ସେଥିପାଇଁ ପାର୍ବଣର ଉଲ୍ଲାସରେ ଯିଏ ଯେଉଁ ଧର୍ମ ବା ଜାତିର ହୁଅନ୍ତୁନା କାହିଁକି ମା'ଙ୍କ ପୂଜା ଓ ପରମ୍ପରାକୁ ବିଧିପୂର୍ବକ ପାଳନ କରିବା ପାଇଁ ଆଗେଇ ଆସନ୍ତି । ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମା'' ଏକ ଉପାଦେୟ ଆଲେଖ୍ୟ ଥିଲା । 'କେଉଁଠି ଲଗାଇବେ ମା' ଅନ୍ନପୂର୍ଣ୍ଣାଙ୍କ ଫଟୋ' ଓ 'ଗାନ୍ଧିଜୀଙ୍କ ପ୍ରିୟ ଖାଦ୍ୟ' ଆଦି ପାଠଦୁଇଟିରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା ।

***-ପ୍ରଭୁପାଦ ସାହୁ, ରାଜକନିକା, କେନ୍ଦ୍ରାପଡ଼ା***

✲ 'ମା''ଙ୍କୁ ନେଇ ଏକ ସୁନ୍ଦର ଆଲେଖ୍ୟ ଉପସ୍ଥାପନା କରାଯାଇଥିଲା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରେ । ସେହିପରି ଏଥରର ଦେବୀଙ୍କୁ ନେଇ ସ୍ପେଶାଲ୍ କବିତା ପୃଷ୍ଠାଟି ବି ବେଶ୍ ଚମତ୍କାର ଥିଲା । ଗପ ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା । ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଅନନ୍ୟ ପ୍ରତିଭାର ଅଧିକାରୀ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା ।

***-ରାଜଲକ୍ଷ୍ମୀ ସେନାପତି, ଫୁଲନଖରା, କଟକ***

✲ ସିନେମା ପୃଷ୍ଠାଟି ଚମତ୍କାର ଦେଖାଯାଉଥିଲା । ଏଥିରେ ସ୍ଥାନିତ ଅନୁଷ୍କା ସେଟ୍ଟିଙ୍କ ଫଟୋ ବେଶ୍ ଆକର୍ଷଣୀୟ ଲାଗୁଥିଲା । ସେହିପରି ସାହିତ୍ୟିକା ତଥା ଶିକ୍ଷାବିତ୍ ସୁଶ୍ରୀ ହରପ୍ରିୟା ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପ୍ରେରଣାଦାୟୀ ଥିଲା । ସାଥୀର ଉତ୍ତର ବି କିମିଆ କରିଦେଉଥିଲା । ପୂଜାରେ କିପରି ସଜେଇ ହେଲେ ଫେଷ୍ଟିଭ୍ ଲୁକ୍ ପାଇହେବ ତାହା ବି ଛୁଟିଦିନରୁ ପଢି ଜାଣିହେଲା ।

***- ମନସ୍ୱିନୀ ବେହେରା, ଖଲ୍ଲିକୋଟ, ଗଞ୍ଜାମ***

✲ ମଡେଲ୍ ମିରର୍‌ରେ ସୋନାଲୀ ବହୁତ ସୁନ୍ଦରୀ ଲାଗୁଥିଲେ । କନକ ଦୁର୍ଗା ମନ୍ଦିର ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । 'ଧୁନୁଚି ନୃତ୍ୟ' ସମ୍ପର୍କରେ ବିବିଧା ପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିହେଲା । ଏଥରର ବ୍ୟଙ୍ଗ ବି ବେଶ୍ ଶିକ୍ଷଣୀୟ ହୋଇଥିଲା ।

***- ରୂପେଶ, ଦିନେଶ, ଆଳି, କେନ୍ଦ୍ରାପଡ଼ା***

✲ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଶରୀର କାର୍ଟୁନମୟ', 'ଧାନକ୍ଷେତରେ କଳାକୃତୀ', 'ଦେବୀ ମା'ଙ୍କୁ ଚପଲ, ଟୋପି ଉପହାର', 'ସ୍କେଟିଂ କରୁଛି ଶୁଆ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଥିଲା । ହାଃ ହାଃ ମଧ୍ୟ ପଢିବାକୁ ଭାରୀ ମଜା ଲାଗିଲା ।

***- ସ୍ୱପ୍ନାମୟୀ ଦାଶ, ଡୁମୁଡୁମା, ଭୁବନେଶ୍ୱର***

## ବିଶେଷ ଚିଠି




ମା'ଙ୍କୁ ନେଇ ଏଥରର ପ୍ରଚ୍ଛଦ
ଲାଗୁଥିଲା ସିଏ ଭାରୀ ବଢିଆ,
ମା'ଙ୍କ ଉପରେ ଆଧାରିତ କବିତା
ପୃଷ୍ଠାଟି କରୁଥିଲା ସଭିଙ୍କୁ କିମିଆ ।
ଗପ ପୃଷ୍ଠାଟି ଥିଲା ମା'ଙ୍କ ପାଇଁ
ଲାଇଫ୍‌ଷ୍ଟାଇଲ୍ ବି ଥିଲା ଫେଷ୍ଟିଭ୍‌କୁ ନେଇ,
ଏଥର ଛୁଟିଦିନରେ ଥିଲେ କେବଳ ମା' ହିଁ ମା'
ସେଥିପାଇଁ ଏହା ଚମକାଉଥିଲା ଦୁନିଆ ।

***– ପୁଷ୍ପାଞ୍ଜଳି ମିଶ୍ର, ମାଟିତୋଟା, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ମାର୍ଗଦର୍ଶକ

**କ**ଥାରେ ଅଛି– 'ଉତ୍ତମ ସଙ୍ଗେ ସଙ୍ଗ ଯାର, ସେ କରେ ଉତ୍ତମ ବେଭାର। ଦୁର୍ଜନ ସଙ୍ଗେ କଲେ ବାସ, ଘଟିବ ଜାଣ ସର୍ବନାଶ।' ଏମିତି ଅନେକ ଲୋକକଥା ଓ ହିତ ଉପଦେଶ ଆମ ସବମାଜରେ ପ୍ରଚଳିତ । କୁହାଯାଏ ପରିବେଶ ପରିସ୍ଥିତି ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। କିନ୍ତୁ ଆଜିକାଲି ସମାଜରେ ଦିନକୁ ଦିନ ବିଭିନ୍ନ ଅଜବ ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଚରିତ୍ରର ଅବକ୍ଷୟ ହେଉଛି। ନୈରାଶ୍ୟ ଭିତରେ ମଣିଷ ଜୀବନ କାଟୁଛି। ପାରସ୍ପରିକ ହିଂସା ବୃଦ୍ଧି ପାଉଛି। ଯେଉଁଥିପାଇଁ ସକାରାତ୍ମକ ଚିନ୍ତନ ଓ କାର୍ଯ୍ୟର ଆବଶ୍ୟକତା ରହିଛି। ଏଥିପାଇଁ ଅଧିକାଂଶ ଲୋକ ସତ୍‌ସଙ୍ଗ ପ୍ରତି ଆକୃଷ୍ଟ ହେଉଛନ୍ତି ଓ ସେମାନଙ୍କ ସମସ୍ୟା କାହା ଆଗରେ କହି ଉଚିତ ମାର୍ଗରେ ଯିବେ ସେକଥା ଭାବୁଛନ୍ତି। ଆଉ ଏମାନଙ୍କ ସମସ୍ୟାର ସରଳ ସମାଧାନ କରୁଛନ୍ତି କିଛି ବ୍ୟକ୍ତି ବିଶେଷ ଯାହାଙ୍କୁ ଆପଣ ମାର୍ଗଦର୍ଶକ ଅଥବା ପ୍ରବଚକ କହିପାରିବେ। ଏମାନଙ୍କ ପାଖକୁ ଯାଇ ଆପଣ ତାଙ୍କ କଥା ଶୁଣି ନିଜ ମନକୁ ଶାନ୍ତ କରିପାରିବେ। କିମ୍ବା ସୋସିଆଲ ମିଡିଆରେ ବି ଚାହିଁଲେ ଜଣେ ନିଜ ସମୟ ମୁତାବକ ତାଙ୍କ କଥା ଶୁଣିପାରିବା ସହ ନିଜ ସମସ୍ୟା ସମାଧାନର ସୂତ୍ର ବି ଖୋଜିପାରିବେ। ସେମିତି କେତେଜଣଙ୍କ ସମ୍ପର୍କରେ .....

**ଜୀବନ ଆମର, ଦାୟିତ୍ୱ ଆମର:** ସେ ଜଣେ ଯୁବକ, ଯେ କି ଜୀବନର ଦୋଛକିରେ କ'ଣ କରିବେ, କ'ଣ ନ କରିବେ ଏହି ଚିନ୍ତା ତାଙ୍କୁ ଘାରିଥିଲା। ଏଥିପାଇଁ ଦିନେ ସେ ଗାଁରୁ ବାହାରି ଆସିଲେ ଭୁବନେଶ୍ୱରକୁ କିଛି ଜୀବିକା ଅର୍ଜନ ପାଇଁ । ମାତ୍ର ସମୟଚକ୍ରରେ ତାଙ୍କ ଜୀବନର ଗତିପଥ ବଦଳିଗଲା। ସେ ହେଲେ **ବିନୋଦ ବିହାରୀ ବେହେରା**। ସେ କୁହନ୍ତି, 'ପିଲାଟି ଦିନରୁ ସଂଗୀତ ପ୍ରତି ଅହେତୁକ ଦୁର୍ବଳତା ଥିଲା। ମାତ୍ର ଘରର ପରିସ୍ଥିତି ମତେ ଥରେ ଗାଁଠାରୁ ଦୂରକୁ ଆସିବାକୁ ବାଧ୍ୟ କରିଥିଲା। ତା'ପରେ ମୋ ପାଖରେ ଦୁଇଟି ବାଟ ଥିଲା। ଭଲବାଟରେ ଯିବି ନା ଖରାପ ରାସ୍ତାରେ। କିନ୍ତୁ ଘର ଛାଡ଼ିଲା ପରେ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଥିଲି ସେମାନଙ୍କ ଚିନ୍ତାଧାରା, ଜୀବନଚର୍ଯ୍ୟା ମତେ ପ୍ରଭାବିତ କରିଥିଲା। ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥକୁ ଅଗ୍ରସର କରିଥିଲି। ସମୟକ୍ରମେ କେତେଜଣ ଭଲଲୋକଙ୍କ ସମ୍ପର୍କରେ ଆସିଥିବାରୁ ସର୍ବଦା ସକାରାତ୍ମକ ଚିନ୍ତନ ମନକୁ ପରିଚାଳିତ କଲା। ସେହି ସମୟରୁ ଜୀବନର ମୂଲ୍ୟ ବୁଝିବାକୁ ଚେଷ୍ଟା କଲି। ପରିବାରର ମୂଲ୍ୟ ବୁଝିବାକୁ ଚେଷ୍ଟାକରି ସମ୍ପର୍କର ବିଶ୍ୱାସରେ ଚାଲିଛି। ଅନେକ ସାଧୁସନ୍ଥ ଓ ବିଜ୍ଞଲୋକଙ୍କ ସହ ମିଶିଛି। ଭଲ ଭଲ ପୁସ୍ତକ ପଢ଼ିବା ଆରମ୍ଭ କରିଛି। ଏ ଭିତରେ ମୋ ଆଚାରରେ ଅନେକ କିଛି ଉନ୍ନତି ହେବା ଅନୁଭବ କରିପାରିଲି। କିନ୍ତୁ ପିଲାଟି ଦିନରୁ ମନରେ ରହିଥିବା ଅଭିଳାଷକୁ କିପରି ସାକାର କରିବି ସେଥିଲାଗି ପ୍ରୟାସ କଲି। ଜଣେ ସଂଗୀତଜ୍ଞ ହେବି ଏଥିରେ ଜୀବନ ବିତାଇବି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ କେତେଜଣ ସଂଗୀତଜ୍ଞଙ୍କୁ ସାକ୍ଷାତ୍ କରିବାର ସୌଭାଗ୍ୟ ଲାଭ କଲି। ମହାପ୍ରଭୁଙ୍କ କୃପା ଯୋଗୁ କେତେକ ସଂଗୀତ କାର୍ଯ୍ୟକ୍ରମରେ ଯୋଗଦେଇଥିଲି। ଏହି କାର୍ଯ୍ୟକୁ ପେସାକରି ବଞ୍ଚିବା ମୋ ପାଇଁ ଯେତିକି କଷ୍ଟକର ଥିଲା ସମୟକ୍ରମେ ଧୀରେ ଧୀରେ ଏହା ସହଜ ଲାଗିଲା। ଏମିତିରେ ମଞ୍ଚରେ ଗୀତ ଗାଇବା ଏବଂ ନିର୍ଦ୍ଦେଶନା ଦେବା ଏପରି କି କେତେକ ମଞ୍ଚରେ ମଞ୍ଚ ଉଦ୍‌ଘୋଷକ ରୂପେ କାର୍ଯ୍ୟ କଲି। ମାତ୍ର କରୋନା କଟକଣା ସମୟରେ ମଞ୍ଚ କାର୍ଯ୍ୟକ୍ରମ ବନ୍ଦ ହୋଇଗଲା। ସେହି ସମୟରେ ମୋ ଭିତରେ ଗୋଟିଏ କଥା ମନକୁ ଆନ୍ଦୋଳିତ କଲା 'ଜୀବନ ଆମର, ଦାୟିତ୍ୱ ଆମର।' ଏକ ନୂଆ ବିଚାରଧାରା ସୃଷ୍ଟି ହେଲା। ଏମିତି ଜଟିଳ ପରିସ୍ଥିତିରେ ମନରେ ଭାବନା ଆସିଲା– ବଞ୍ଚିବା ପାଇଁ ସାହସ ଦରକାର। ସାହସ ତ ମୋ ଭିତରେ ଥିଲା। ଧୈର୍ଯ୍ୟ ଦରକାର, ଆତ୍ମବିଶ୍ୱାସ ଦରକାର। ଏମିତି ଅନେକ କଥାକୁ ପୁଞ୍ଜିକରି ସେହି ସମୟରେ ପ୍ରଥମେ ନିଜର ପରିସ୍ଥିତି ଏବଂ ମୋ ଚାରିପାଖେ ଘଟୁଥିବା ନାନା ଚଳନ୍ତି ସମସ୍ୟାକୁ ଅନୁଶୀଳନ କରି ଏସବୁର ସମାଧାନ ପାଇଁ ନିଜ ଦ୍ୱାରା କ'ଣ ହୋଇପାରିବ ଭାବି ଆରମ୍ଭ କରିଥିଲି ୟୁଟ୍ୟୁବ୍ ଚ୍ୟାନେଲରେ ଏକ ନିଆରା କାର୍ଯ୍ୟକ୍ରମ 'ଜୀବନ ଆମର ଦାୟିତ୍ୱ ଆମର'। ଯାହା ଖୁବ ପ୍ରଶଂସା ଓ ଲୋକପ୍ରିତା ସାଉଁଟିବା ସହ ଆଶୀର୍ବାଦ ବି ମିଳୁଛି। ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ନିଜ ଅନୁଭୂତିକୁ ନେଇ ସଚେତନତାର ବାର୍ତ୍ତା ଦେଇଆସୁଛି। କଥା କହି କହି ବାଦ୍‌ଶାହା ହେବା ମୋ ଜୀବନର ଉଦ୍ଦେଶ୍ୟ ନୁହେଁ ବରଂ ଆଚରଣରେ ଆଚାର୍ଯ୍ୟ ହୋଇ ବଞ୍ଚିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ରାସ୍ତାରୁ ଅଳିଆ ହଟେଇବା ମ୍ୟୁନିସିପାଲିଟିର କାମ ହୋଇପାରେ, କିନ୍ତୁ ମୁଁ ରାସ୍ତାରେ ଅଳିଆ ପକାଇବି ନାହିଁ ଏଇଟା ମୋ କାମ। ଦୁନିଆରେ କେହି ବଦଳୁ ବା ନ ବଦଳୁ ମୁଁ କିନ୍ତୁ ବଦଳିବି । ମୋ ଖରାପ ବିଚାରକୁ ବଦଳାଇବି। ଏ କଥା ମୋର ସଙ୍କଳ୍ପ। ଯଦି ଦୁନିଆରେ ମୁଁ ଭଲ ମଣିଷ ହେବି ହୁଏତ ଜଣେ ଖରାପ ମଣିଷ କମିଯିବ। ଏ କଥା ସମସ୍ତେ ଯଦି ଭାବିବେ ଦୁନିଆ ବଦଳିବାକୁ କେତେ ସମୟ ଲାଗିବ। ଆମ ପକେଟରେ ସାମର୍ଥ୍ୟ ନ ଥାଇପାରେ କିନ୍ତୁ ଆମ ମନ ଭିତରେ ଯେଉଁ ଶକ୍ତି ସାମର୍ଥ୍ୟ ଅଛି ଯଦି ତା'ର ସୁବିନିଯୋଗ କରିବା, ତେବେ ଅସମ୍ଭବ ହୁଏତ ସମ୍ଭବ ହୋଇପାରିବ। ଆମ ବିଚାର ଆମକୁ ସ୍ୱାମୀ ବିବେକାନନ୍ଦଙ୍କ ରାସ୍ତାରେ ଚାଲିବାକୁ ପ୍ରେରଣା ଦେବ। ଭୁଲ୍ ରାସ୍ତାରୁ ନିବୃତ୍ତ ରହି ଠିକ୍ ରାସ୍ତାରେ ଯଦି ଆମେ ଚାଲିବା ଜୀବନ ଆମ ପାଇଁ ସହଜ ହୋଇପାରିବ। ଶେଷରେ ଏତିକି କହିବି, ପରିସ୍ଥିତି କଷ୍ଟ ଦିଏନି ବରଂ ମନର ସ୍ଥିତି କଷ୍ଟ ଦିଏ। ପ୍ରତ୍ୟେକ ପରିସ୍ଥିତି ଭିତରେ ଯଦି ମନକୁ ସକାରାତ୍ମକ ଭାବନାରେ ରଖିବା ଜୀବନ ସ୍ୱର୍ଗ ପାଲଟିଯିବ। ଆମେ ସକାରାତ୍ମକ ଭାବନାକୁ ନେଇ ବଞ୍ଚିବା କି ନକାରାତ୍ମକ ଭାବନାକୁ ନେଇ ବଞ୍ଚିବା ନିର୍ଣ୍ଣୟ ଆମର, ଭାବନା ବି ଆମର। ଜୀବନ ଆମର, ଦାୟିତ୍ୱ ଆମର।

**ଆକାଶବାଣୀରେ ଅନୁଚିନ୍ତା:**–ଦିନ ଥିଲା ଯେତେବେଳେ ସକାଳୁ ସକାଳୁ ଆକାଶବାଣୀ କଟକ କେନ୍ଦ୍ରରୁ ବନ୍ଦନା କାର୍ଯ୍ୟକ୍ରମ ପରେ ପରେ ଏକ ସୁମଧୁର ଧୁନ୍ ବାଜି ଉଠୁଥିଲା। ଏହାପରେ ଆନାଉନ୍ସର କହୁଥିଲେ, 'ଏଥର ଶୁଣନ୍ତୁ ଆଜିର ଅନୁଚିନ୍ତା, ଉପସ୍ଥାପନା ଶଙ୍କର୍ଷଣ ମଙ୍ଗରାଜ।' ସେତେବେଳେ ରେଡିଓରୁ ଏହି କାର୍ଯ୍ୟକ୍ରମ ଶୁଣୁଥିବା ଓଡ଼ିଶାର ପୁରପଲ୍ଲୀର ଅଗଣିତ ଶ୍ରୋତାଙ୍କ ମନଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲା। ତେବେ ଆଧ୍ୟାତ୍ମିକ ଭାବଗର୍ଭକ ବାଣୀ ଅନୁଚିନ୍ତା ସକାଳୁ ସକାଳୁ କର୍ମତତ୍ପର ଲୋକଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଉଥିଲା। ସେଇ ଅନୁଚିନ୍ତାର ଉଦ୍‌ଘୋଷକ **ଶଙ୍କର୍ଷଣ ମଙ୍ଗରାଜ** କୁହନ୍ତି,' ଏବେ ଅନେକ ଲୋକ ମୋତେ ଦେଖିବା ପାଇଁ ଆସୁଛନ୍ତି। କାରଣ ମୁଁ ଦେଖିବାକୁ କେମିତି, ମୋର ବେଶଭୂଷା, ଚଳଣି କେମିତି। ଯେହେତୁ ସେତେବେଳର ୧୯୯୩ ମସିହାରୁ କଟକ ଆକାଶବାଣୀରୁ ଅନୁଚିନ୍ତା ପ୍ରଚାର ପ୍ରସାରଣ କରାଯାଉଥିଲା, ଯାହା ନିରପେକ୍ଷ ରହିଥିଲା। ବିଭିନ୍ନ ଧର୍ମ, ବର୍ଗର ଲୋକଙ୍କ ମନକୁ ଛୁଇଁପାରୁଥିଲା। ଏମିତି ପ୍ରେରଣାଦାୟକ ଚିନ୍ତନକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅନେକ ଶାସ୍ତ୍ର ପୁରାଣକୁ ଅଧ୍ୟୟନ କରିବାକୁ ପଡ଼ିଥାଏ। ଅବଶ୍ୟ ପିଲାଟି ଦିନରୁ ମହାପୁରୁଷଙ୍କ ଜୀବନୀ ପଢିବା ଓ ଲେଖିବାର ଅଭ୍ୟାସ ମୋତେ ପ୍ରଭାବିତ କରିଥିଲା। ୧୯୭୨ ମସିହାଠାରୁ

→

ପ୍ରତିବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଧାରାବିବରଣୀ ବି ଦେଉଥିଲି। ମୋ ମତରେ ସୁସ୍ଥ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ ଚିନ୍ତନର ଆବଶ୍ୟକତା ରହିଛି।

**ସମାଜକୁ ସୁନ୍ଦର କରିବାର ପ୍ରୟାସ:** ଏକାଧାରାରେ ସେ ଜଣେ ଶିକ୍ଷାବିତ୍, ସ୍ତମ୍ଭକାର, ଇଞ୍ଜିନିୟର ଓ ଆଧ୍ୟାତ୍ମିକ ପ୍ରବକ୍ତା। ସେ ହେଲେ **ଇଞ୍ଜିନିୟର ଶ୍ରୀସନ୍ନ୍ୟାସୀ ପଣ୍ଡା**। ଯିଏକି ଓଡ଼ିଶାରେ ଶ୍ରୀସନ୍ନ୍ୟାସୀ ନାମରେ ପରିଚିତ। ସେ କୁହନ୍ତି, 'ତୃତୀୟ ଶ୍ରେଣୀରୁ ଘରେ ପ୍ରତ୍ୟହ ଏକାଦଶ ସ୍କନ୍ଧ ଭାଗବତ ପଢୁଥିଲି। ସେତେବେଳେ ମୁଁ ଭାବୁଥିଲି ପ୍ରକୃତରେ ଏ ଦିବ୍ୟଜ୍ଞାନ ଟିକକ କ'ଣ, ଯାହାକୁ ଦେଖି ଭଗବାନ ଖୁସି ହୁଅନ୍ତି। ସମୟକ୍ରମେ ଅନେକ ସାଧୁସନ୍ଥଙ୍କ ସାନ୍ନିଧ ପାଇ ଜାଣିଲି ଯେ ଦିବ୍ୟଜ୍ଞାନ ମାନେ 'ଆତ୍ମଜ୍ଞାନ'। ଆତ୍ମା ଅର୍ଥାତ୍ ନିଜକୁ ଜାଣିବା। ଯୋଉ ମଣିଷ ନିଜ ଭିତରେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆବିଷ୍କାର କରିପାରିଲା ବା ଆତ୍ମସାକ୍ଷାତ୍କାର ପ୍ରାପ୍ତହେଲା ସେତେବେଳେ ସେ ସିଦ୍ଧ ହୋଇଗଲା। ତା' ଜୀବନ ଧନ୍ୟ ହୋଇଗଲା। ଖାସ୍ ଏଥିପାଇଁ ଗୌତମ ବୁଦ୍ଧଙ୍କୁ ଘରଦ୍ୱାର, ସ୍ତ୍ରୀ ପୁତ୍ରଙ୍କୁ ତ୍ୟାଗ କରିବାକୁ ପଡ଼ିଥିଲା। ସମସ୍ତେ କ'ଣ ପାରିବେ! ଯଦି ନ ପାରିବେ ତେବେ ଈଶ୍ୱର ତାଙ୍କ ଉପରେ ସନ୍ତୋଷ ହେବେ କେମିତି? ଏମିତି ମୋ ମନକୁ ଗୋଟିଏ ଭାବଧାରା ଆସିଲା ଯେ ଏ ସୃଷ୍ଟିକୁ ରକ୍ଷା କରିବା ପାଇଁ କିମ୍ବା ଏହାକୁ ସୁନ୍ଦର ଆଉ ଅକ୍ଷୁଣ୍ଣ ରଖିବା ନିମନ୍ତେ ଯଦି ମଣିଷର କିଛି ଉଦ୍ୟମ ରୁହେ ତେବେ ସୃଷ୍ଟିକର୍ତ୍ତା ନିଶ୍ଚେ ଖୁସି ହେବେ। କାରଣ ସୃଷ୍ଟିଟି ତାଙ୍କର ନା। ଏ ସୃଷ୍ଟିକୁ କ'ଣ ବଣର ବାଘ ଭାଲୁ ନଷ୍ଟ କରୁଛନ୍ତି? ନା, ଏଇ ମଣିଷ ହିଁ ନଷ୍ଟ କରୁଛି। ମଣିଷର ବିକୃତ ମାନସିକତା ହିଁ ସୃଷ୍ଟିନାଶର କାରଣ। ମଣିଷର ବିକୃତ ମାନସିକତାକୁ ଦୂର କରି ତା ଚେତନାରେ ସାତ୍ତ୍ୱିକ ଉର୍ଜା ଭରିଦେବା ପାଇଁ ତାକୁ ଦରକାର ଏକ ସଶକ୍ତ ସକାରାତ୍ମକ ବାର୍ତ୍ତା –ପ୍ରାଣସ୍ପର୍ଶୀ ଏକ ଗତିଶୀଳ ଭାବନା। ମୁଁ ଭାବିଲି ଯେ ଏପ୍ରକାର କାର୍ଯ୍ୟ କଲେ ଈଶ୍ୱର ନିଶ୍ଚେ ଖୁସି ହେବେ। ମୁଁ ଦଶମ ଶ୍ରେଣୀରେ ପଢୁଥିବା ବେଳୁ ହିଁ ସମାଜକୁ ଏକ ସୁନ୍ଦର ରୂପରେଖ ଦେବା ପାଇଁ ଲାଗିପଡ଼ିଛି। ଏଥିପାଇଁ ବିଭିନ୍ନ ଖବରକାଗଜରେ ସମାଜ ସଂସ୍କାରମୂଳକ ଲେଖା ଲେଖିବା ସହ ମୋର ବକ୍ତବ୍ୟ ଦେଇଥାଏ। ମୁଁ ପୃଥିବୀର ଏକ ଛୋଟିଆ ଜୀବ। ଈଶ୍ୱରଙ୍କ ସୃଷ୍ଟିକୁ ମୋ ଲେଖା ଏବଂ ବକ୍ତବ୍ୟ ମାଧ୍ୟମରେ ଗୁଣ୍ଡୁଚିମୂଷା ପରି (ନ ପାରେ ପଛେ) ସୁନ୍ଦର କରି ଗଢ଼ିତୋଳିବାର ପ୍ରୟାସରେ ଅଛି। ଅନେକ ଲୋକ କୁହନ୍ତି– କେବଳ କହିଲେ ବା ଲେଖିଦେଲେ କ'ଣ ସମାଜର ପରିବର୍ତ୍ତନ ଘଟିବ? ସମାଜ ସୁସଂସ୍କୃତ ହେବ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ହଁ, ନିଶ୍ଚିତ ହେବ। ସମାଜରେ ଆଜି ଯେଉଁମାନେ ବୃକ୍ଷରୋପଣ, ଗୋ–ସେବା ଆଦି ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ଅନ୍ୟ କାହାର ଲେଖା ବା ବକ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଥିବେ। ପୁରାଣରେ ଉଲ୍ଲେଖ ରହିଛି– ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ।

**ବୈଦିକ ଶିକ୍ଷାରେ ମନ–** ଦୀର୍ଘ ୪୦ବର୍ଷ ଧରି ସେ ସମାଜରେ ବୈଦିକ ଶିକ୍ଷା ପ୍ରଦାନ କରିଚାଲିଛନ୍ତି। ଏମିତିରେ ଏକ ଆଧ୍ୟାତ୍ମିକ ପତ୍ରିକା ବେଦପୀୟୁଷର ପ୍ରାୟ ୩୨ ବର୍ଷ ଧରି ସମ୍ପାଦନା କରିଆସୁଛନ୍ତି। ସେ ହେଲେ ପଣ୍ଡିତ **ବୀରେନ୍ଦ୍ର କୁମାର ପଣ୍ଡା**। ସେ କୁହନ୍ତି, ଗାଁରେ ପ୍ରଥମେ ପୂଜାପାଠ କରୁଥିଲି। କିନ୍ତୁ ୧୯୭୬ ମସିହାରେ ସଂସ୍କୃତରେ ଶାସ୍ତ୍ରୀ ପାସ୍ କଲି। ମାତ୍ର ବେଦ ସମ୍ପର୍କରେ ଜାଣିବା ପାଇଁ ମନରେ ପ୍ରବଳ ଆଗ୍ରହ ହୋଇଥିଲା। ବିଭିନ୍ନ କର୍ମକାଣ୍ଡ ବିଷୟରେ ଜାଣିବା ଓ ବେଦ ପଢ଼ିବା ନିମନ୍ତେ ୧୯୮୪ରେ ଗୁରୁକୁଳ ବେଦବ୍ୟାସ ପୀଠ ରାଉରକେଲା ପହଞ୍ଚିଥିଲି। ସେଠାରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ (ଗୁରୁଜୀ)ଙ୍କ ବେଦଶାଳାରେ ବୈଦିକ ଶାସ୍ତ୍ର ଶିକ୍ଷା କଲି। ପରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟରେ ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟ ତୁଲାଇଲି। ୧୯୯୯ ମସିହା ବେଳକୁ ଏହି ଶିକ୍ଷାନୁଷ୍ଠାନଟି ଏକ କଲେଜରେ ପରିଣତ ହେଲା। ଏଠାରେ ଅଧ୍ୟକ୍ଷ ଭାବେ ଯୋଗଦେଲି। ଉତ୍କଳ ଆର୍ଯ୍ୟ ସମାଜ ପ୍ରତିନିଧି ସଭାର ୩୦ବର୍ଷ ଧରି ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛି। ଦୀର୍ଘ ୪୦ ବର୍ଷ ଧରି ବୈଦିକ ବିଚାରର ଶିକ୍ଷା ଉପରେ ଜନସାଧାରଣଙ୍କୁ ଶିକ୍ଷା ପ୍ରଦାନ କରିଆସୁଛି। ଏପରି କି ବିଭିନ୍ନ ଅଞ୍ଚଳରେ ବେଦର ପ୍ରଚାର କାର୍ଯ୍ୟ ଚାଲିଛି। ୨୦୧୩ ମସିହାଠାରୁ କେତେକ ଘରୋଇ ଟିଭି ଚ୍ୟାନେଲରେ ବିଭିନ୍ନ ସକାରାତ୍ମକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛି। ଆମେ କିପରି ଭଲ ମଣିଷ ହୋଇପାରିବା ସେଥିପାଇଁ ସର୍ବଦା ବିଭିନ୍ନ ଶାସ୍ତ୍ର ଉପନିଷଦକୁ ଆଧାର କରି ବିଭିନ୍ନ ଘଟଣାର ଅବତାରଣା କରି ସମସ୍ୟାର ସମାଧାନ ପନ୍ଥାକୁ ସରଳ କଥାରେ ଲୋକଙ୍କୁ ବୁଝାଇଥାଏ। କେବଳ ପୁସ୍ତକ ଜ୍ଞାନକୁ ଲକ୍ଷ୍ୟକରି ନୀତିକଥାକୁ ଗାଇଲେ ଶାସ୍ତ୍ର ସିନା ପହଞ୍ଚେ ମାତ୍ର ଲୋକଙ୍କ ମନକୁ ସେପରି ଛୁଇଁପାରେନା। ସେଥିପାଇଁ ଲୋକଙ୍କୁ ତାଙ୍କରି ଭାଷାରେ କହିଲେ ସେମାନେ ଠିକ୍ ବୁଝିପାରିବେ। ବକ୍ତାଟିଏ ଶ୍ରୋତାଙ୍କ ହୃଦୟକୁ ସେତେବେଳେ ଛୁଇଁବ ଯେତେବେଳେ ପ୍ରୀତିପୂର୍ବକ ବାଣୀ ଶୁଣିବ। ମଣିଷ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ। ତା' ଭିତରେ ପଶୁତ୍ୱ ନ ରହୁ। ମୋର ଉଦ୍ଦେଶ୍ୟ ସମସ୍ତ ମଣିଷ ନିଜ ନିଜ ଭିତରେ ସ୍ୱାର୍ଥକୁ ଭୁଲି ଯାଆନ୍ତୁ। ଯେମିତି ପରମାତ୍ମା ସମସ୍ତଙ୍କ ପାଇଁ ସମାନ। ଭଲ ମଣିଷ ହେବାସହ ପରସ୍ପରକୁ ଭଲ ପାଇଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ମୁଁ ବିଶ୍ୱାସ କରେ।






ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା


ଶଙ୍କର୍ଷଣ ମଙ୍ଗରାଜ


ଶ୍ରୀସନ୍ନ୍ୟାସୀ ପଣ୍ଡା


ବିନୋଦ ବିହାରୀ ବେହେରା


ସରୋଜିନୀ ରଥ





ଏଥିପାଇଁ ଇଚ୍ଛାଶକ୍ତି ନିହାତି ରହିବା ଦରକାର।

**ପୁସ୍ତକ ବଦଳାଇଦେଲା ଜୀବନ:**ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ସେ ଜଣେ ଶିକ୍ଷୟିତ୍ରୀ। ଏକ ସଡ଼କ ଦୁର୍ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଛି। ଯେଉଁଠୁ ସେ ନିରାଶ ହୋଇ ଭାଙ୍ଗିପଡ଼ିବା ବଦଳରେ ସକାରାତ୍ମକ ଦିଗରେ କାମ କରି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କର ଅନୁଭୂତିକୁ ଅନ୍ୟମାନଙ୍କୁ ବାଣ୍ଟି ଚାଲିଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଲୋକଙ୍କୁ ଉଚିତ ନିଷ୍ପତ୍ତି ନେବା ପାଇଁ ପ୍ରେରଣା ତଥା ପରାମର୍ଶ ଦେଇ ଆସୁଛନ୍ତି। ସେ ହେଲେ **ଶ୍ରୀମତୀ ସରୋଜିନୀ ରଥ**। ଘର ଜଗତ୍‌ସିଂହପୁର ଜିଲାର ମହିଲୋ ଗାଁ। ସେ କୁହନ୍ତି, ସେଦିନ ଥିଲା ୨୦୧୯ ଅଗଷ୍ଟ ୧୯ ତାରିଖ। ସମୟ ସକାଳ ୯ ଘଟିକା। ଭୁବନେଶ୍ୱର ଫାୟାର ଷ୍ଟେଶନଠାରେ ଏକ ସଡ଼କ ଦୁର୍ଘଟଣାରେ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିଲୁ। ଏହି ସମୟରେ ଆମ ପାଖକୁ କେହି ସାଧାରଣ ଲୋକ ଆସି ନ ଥିଲେ। କିନ୍ତୁ ପୋଲିସ ଆମକୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ମୋ ସ୍ୱାମୀଙ୍କ ଅବସ୍ଥା ଅତି ଗୁରୁତର ହୋଇଥିବାରୁ ଡାକ୍ତର କହିଲେ ତମେ ଭଗବାନଙ୍କୁ ଡାକ, ପ୍ରାର୍ଥନା କର। ଏହାର ୧୦ ଦିନ ପରେ ତାଙ୍କର ଚେତା ଫେରିଥିଲା। କିନ୍ତୁ ସେ କିଛି ଜାଣିପାରିଲେ ନାହିଁ, କଥା କହିପାରିଲେ ନାହିଁ କି ଚାଲିପାରିଲେ ନାହିଁ। ଏମିତି ୨ବର୍ଷ ରହିଲେ। ଏହି ପରିସ୍ଥିତିରେ ନିଜ ଲୋକମାନେ ହାତ ଛାଡ଼ିଦେଲେ। କେବଳ ମୋର ଭାଇ ସାରଦା ଓ ଭଉଣୀ ସହଯୋଗ କଲେ। ମାତ୍ର ଆର୍ଥିକ ଅବସ୍ଥା ଶୋଚନୀୟ ହେବାରୁ ମନ ଭାଙ୍ଗିପଡ଼ିଲା। ଏମିତିରେ ଆତ୍ମହତ୍ୟା ପାଇଁ ଚିନ୍ତା କରୁଥିଲି। ଠିକ୍ ଏହି ସମୟରେ ମୋ ପୁଅ ମତେ you can win ପୁସ୍ତକଟିଏ ପଢ଼ିବାକୁ ଦେଲା। ଏହି ପୁସ୍ତକ ପଢ଼ିବାରେ ମନରେ ସାହସ ଓ ଧୈର୍ଯ୍ୟ ଆସିଲା। ସେବେଠାରୁ ଚିନ୍ତା କଲି ମାନସିକ ଶକ୍ତି ହରାଉଥିବା ଏବଂ ଅଧୈର୍ଯ୍ୟ ହୋଇପଡୁଥିବା ମୋ ପରି ଅନ୍ୟମାନଙ୍କୁ ମଧ୍ୟ ଯଦି କିଛି ସାମାଜିକ ଗଣମାଧ୍ୟମରେ କହିବି ହୁଏତ ସେମାନଙ୍କ ଜୀବନକୁ ସୁନ୍ଦର କରିବା ସହ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବି। ଏମିତିରେ ଅନେକ ବ୍ୟକ୍ତି ମୋ ସହିତ ଫୋନ୍‌ରେ ବାର୍ତ୍ତାଳାପ କରି ଉଚିତ ମାର୍ଗ ବାହାର କରିପାରୁଛନ୍ତି। ଏହା ମତେ ଆନନ୍ଦ ଦେଉଛି। ସର୍ବଦା ଈଶ୍ୱରଙ୍କୁ ପ୍ରାର୍ଥନା କରିଛୁ। ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ ପ୍ରେରଣା ମିଳୁଛି। ଏହା ଅନ୍ୟମାନଙ୍କୁ ବାଣ୍ଟିପାରୁଛି।

କେବଳ ଏମାନେ ନୁହନ୍ତି ଏମାନଙ୍କ ବ୍ୟତୀତ ଆହୁରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସୁସ୍ଥ ସମାଜ ଗଠନ ଦିଗରେ ଉପାଦେୟ କଥା କହିବା ସହ ଉଚିତ ପରାମର୍ଶ ଦେଇ ଲୋକଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରୁଛନ୍ତି।

**–ବନବିହାରୀ ବେହେରା**



# ବେଲ୍ଟ ଫ୍ୟାଶନ



**ଫର୍ମାଲ୍ ପ୍ୟାଣ୍ଟ ହେଉ କି ଜିନ୍ସ ପ୍ୟାଣ୍ଟ ତା'ସାଙ୍ଗରେ ବେଲ୍ଟ ପିନ୍ଧିବାର ଫ୍ୟାଶନ ବହୁ ପୂର୍ବରୁ ରହିଆସିଛି। ତେବେ କେବଳ ଏହି ଆଉଟ୍‌ଫିଟ୍ କାହିଁକି ଅନ୍ୟ ଯେକୌଣସି ଆଉଟ୍‌ଫିଟ୍‌ରେ ବି ବେଲ୍ଟ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ। କେମିତି, ଜାଣନ୍ତୁ ସେ ସମ୍ପର୍କରେ...**



* **ଲଙ୍ଗ୍ ଡ୍ରେସ୍:** ଯେ କୌଣସି ଲଙ୍ଗ୍ ଡ୍ରେସ୍ ହେଉ ନା କାହିଁକି ତା' ଉପରେ ବେଲ୍ଟ ପିନ୍ଧି ଆରାମରେ ଷ୍ଟାଇଲିଶ୍ ଲୁକ୍ ପାଇହେବ। କିନ୍ତୁ ଧ୍ୟାନ ଦେବେ ଡ୍ରେସ୍ ସାଙ୍ଗକୁ ବେଲ୍ଟ ଯେମିତି ପରଫେକ୍ଟ ମ୍ୟାଚ୍ କରୁଥିବ। ତା'ସହିତ ଏହି ବେଲ୍ଟକୁ କେବେ ବି ପେଟ ଉପରେ ବାନ୍ଧିବେ ନାହିଁ ବରଂ ପେଟଠୁ ଟିକେ ଉପରକୁ ବାନ୍ଧିବେ। ଯଦ୍ଦ୍ୱାରା ପେଟର ମୋଟାପଣ ଆରାମରେ ଲୁଚିଯିବ, ତା'ସାଙ୍ଗକୁ ଲୁକ୍ ବି ଷ୍ଟାଇଲିଶ୍ ଲାଗିବ।
* **ବଡ଼ିକନ୍ ଡ୍ରେସ୍:** ଏହି ଟାଇପ୍‌ର ଡ୍ରେସ୍ ଉପରେ ଷ୍ଟ୍ରେଚେବଲ୍ ବେଲ୍ଟ ପିନ୍ଧିଲେ ଲୁକ୍ ଖୁବ୍ ଆକର୍ଷଣୀୟ ଲାଗିବ। ମାର୍କେଟ୍‌ରେ ବିଭିନ୍ନ ରଙ୍ଗର ଷ୍ଟ୍ରେଚେବଲ୍ ବେଲ୍ଟ ଆରାମରେ ମିଳିଯିବ। କେବଳ ବଡିକନ୍ ଡ୍ରେସ୍ ନୁହେଁ ଏହି ଟାଇପ୍‌ର ବେଲ୍ଟକୁ ଓଭର୍ ସାଇଜ୍ ଶାର୍ଟ ସାଙ୍ଗରେ ବି ପେୟାର୍ କଲେ ଟ୍ରେଣ୍ଡି ଲୁକ୍ ମିଳିବ।
* **ସାଲୱାର ସୁଟ୍:** ସାଲୱାର୍ ସୁଟ୍ ଉପରେ ବେଲ୍ଟ ବାନ୍ଧିବାର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ମୁଖ୍ୟତଃ ସାଲୱାର୍ ସୁଟ୍ ସାଙ୍ଗରେ ପଟି ଷ୍ଟାଇଲ୍‌ର ବେଲ୍ଟ ଭଲ ମାନିଥାଏ। କିନ୍ତୁ ଧ୍ୟାନ ଦେବେ ଏହି ବେଲ୍ଟର ରଙ୍ଗ ଆଉ ଡିଜାଇନ୍ ଯେମିତି ସୁଟ୍‌ର ରଙ୍ଗ କିମ୍ବା ଏହାର ବର୍ଡର ସହିତ ପରଫେକ୍ଟ ମ୍ୟାଚ୍ କରୁଥିବ।
* **ଶାଢି:** ଶାଢି ଉପରେ କମରବନ୍ଧ ପିନ୍ଧିବାର ଫ୍ୟାଶନ ହୁଏତ ବହୁତ ପୁରୁଣା ହୋଇପାରେ, କିନ୍ତୁ ଏବେ ଅନେକେ ଶାଢି ଉପରେ ଷ୍ଟାଇଲିଶ୍ ବେଲ୍ଟ ବାନ୍ଧି ବି ନିଜକୁ ଡିଫରେଣ୍ଟ ଲୁକ୍ ଦେଇ ପାରୁଛନ୍ତି। ମୁଖ୍ୟତଃ ଶାଢି ସାଙ୍ଗକୁ ଲେଦର୍ ବେଲ୍ଟ କିମ୍ବା ଷ୍ଟାଇଲିସ୍ ଏମ୍ବେଲିଷ୍ଡ ବେଲ୍ଟ ପିନ୍ଧିଲେ ସୁନ୍ଦର ମାନିଥାଏ।
* **ଲେହେଙ୍ଗା:** ଯଦି ଆପଣ ଏମ୍ବ୍ରୋଡୋରୀ କାମ ବାଲା ଲେହେଙ୍ଗା ପିନ୍ଧୁଛନ୍ତି, ତା'ହେଲେ ତା'ସାଙ୍ଗକୁ ମ୍ୟାଚିଂ ଏମ୍ବ୍ରୋଡୋରୀ ବାଲା ବେଲ୍ଟ ପିନ୍ଧିବା ଆବଶ୍ୟକ। ଅନ୍ୟପକ୍ଷେ ଯଦି କୌଣସି ପ୍ଲେନ୍ ଷ୍ଟାଇଲ୍‌ର ଲେହେଙ୍ଗା ପିନ୍ଧୁଛନ୍ତି, ତେବେ ତା' ସାଙ୍ଗରେ ଲେଦର କିମ୍ବା ମେଟାଲିକ୍ ବକଲ୍ ବାଲା ବେଲ୍ଟ ପିନ୍ଧି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ତା'ଛଡ଼ା ଧ୍ୟାନ ଦେବେ ଲେହେଙ୍ଗା ସାଙ୍ଗରେ ବେଲ୍ଟ ପିନ୍ଧିଲାବେଳେ ସର୍ବଦା ବେଲ୍ଟକୁ ଠିକ୍ ଅଣ୍ଟା ଉପରେ ହିଁ ପିନ୍ଧିବେ ; ଏହା ଲୁକ୍‌କୁ ଭଲ ମାନିବ।
* **ବାଲାନ୍ସଡ୍ ଲୁକ୍:** ଯଦି ଆପଣଙ୍କୁ ବାଲାନ୍ସଡ୍ ଲୁକ୍ ପସନ୍ଦ ତା'ହେଲେ ଯେ କୌଣସି ୱାନ୍‌ପିସ୍ ଡ୍ରେସ୍ ସାଙ୍ଗକୁ ଟିକେ କମ୍ ଚଉଡ଼ା ବାଲା ବେଲ୍ଟ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ଲେଦର୍ ବେଲ୍ଟ ବି ଏହି ଟାଇପ୍‌ର ଡ୍ରେସ୍ ସାଙ୍ଗକୁ ବହୁତ ଭଲ ମାନିଥାଏ।
* **ପ୍ୟାଣ୍ଟ:** ଯଦି ଆପଣ ଜିନ୍ସ କିମ୍ବା ଫର୍ମାଲ୍ ପ୍ୟାଣ୍ଟ ସହ ଲଙ୍ଗ୍ ସାର୍ଟ ପିନ୍ଧୁଛନ୍ତି ଆଉ ତାକୁ ଇନ୍ ନ କରି ଖୋଲା ଛାଡୁଛନ୍ତି, ତା'ହେଲେ ଏହି ଖୋଲା ସାର୍ଟ ଉପରେ ହିଁ ବେଲ୍ଟ ବାନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଅନ୍ୟପକ୍ଷେ ଯଦି ଇନ୍ କଲେ ତା'ହେଲେ ପ୍ୟାଣ୍ଟରେ ବେଲ୍ଟ ବାନ୍ଧି ନିଜକୁ ଟ୍ରେଣ୍ଡି ଲୁକ୍ ଦେଇପାରିବେ।

# ଜୀବନର ପ୍ରତି ଘଟଣା ମୋ ପାଇଁ ନାଟକ



ନାଟକ ଯେ କେବଳ ଦର୍ଶକଙ୍କୁ ମନୋରଞ୍ଜନ ଦିଏ ତା’ ନୁହେଁ ବରଂ ସମାଜର ନିଛକ ଛବି ନାଟକରେ ହିଁ ପ୍ରତିଫଳିତ ହୋଇଥାଏ ; ଯାହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ ।

ଏକାଧାରାରେ ସେ ଜଣେ କବି, କଥାକାର, ନାଟ୍ୟକାର ଓ ନିର୍ଦ୍ଦେଶକ । ଏକାଧିକ ମଞ୍ଚନାଟକ ଓ ଦୂରଦର୍ଶନ ଧାରାବାହିକ କାହାଣୀରେ ସେ ନିର୍ଦ୍ଦେଶନା ଦେଇସାରିଛନ୍ତି । ଏପରି କି ଅଭିନୟ କ୍ଷେତ୍ରରେ ବି ତାଙ୍କର ରହିଛି ଭିନ୍ନ ପରିଚୟ । ଏଥିଯୋଗୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ **ଦିଲୀପ ବଲବନ୍ତରାୟ** । ଜନ୍ମ– ୧.୧.୧୯୬୩ ମସିହାରେ । ପିତା ହରମୋହନ ବଲବନ୍ତରାୟ, ମାତା ଆଦରମଣି ବଲବନ୍ତରାୟ । ଘର ଖୋର୍ଦ୍ଧା ଜିଲା କାଇପଦର ଅନ୍ତର୍ଗତ ଛଣିଆ ଗାଁରେ । ସେ କୁହନ୍ତି, ପିଲାଦିନେ ଗାଁରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ବହୁତ ଖୁସି ହୋଇଯାଉଥିଲି ଏବଂ କୌଣସି ପ୍ରକାରେ ଏଥିରେ ଭାଗ ବି ନେଉଥିଲି । ଏହାଛଡା ସ୍କୁଲ ବୟସରୁ ଲେଖାଲେଖିରେ ରୁଚି ବି ଥିଲା । ଗାଁର ପ୍ରାକୃତିକ ପରିବେଶ, ଘରର ଚଳଣିକୁ ନେଇ ବିଭିନ୍ନ ସମୟରେ କେତେକ କବିତା ଗଳ୍ପ ଲେଖିଥିଲି । ସମୟକ୍ରମେ ବାପା ପାରାଦୀପ ବନ୍ଦର ଅଞ୍ଚଳରେ ରହିଲେ । ସେଠାକାର ହାଇସ୍କୁଲରେ ମୋର ପାଠପଢ଼ା ହୋଇଥିଲା । ପାରାଦୀପ ହାଇସ୍କୁଲରେ ପଢୁଥିବା ବେଳେ ସାଙ୍ଗମାନଙ୍କ ସହ ମିଶି ‘ସାଗର ରାଜା’ ନାମକ ପତ୍ରିକାର ସଂପାଦନା କରୁଥିଲୁ । ମୁଁ ପଞ୍ଚମ ଷଷ୍ଠ ଶ୍ରେଣୀରେ ପଢ଼ିଲାବେଳେ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲି । ପରେ କେନ୍ଦ୍ରାପଡ଼ା କଲେଜରେ ଗ୍ରାଜୁଏଶନ ସାରିଲି । କିନ୍ତୁ ପାରାଦୀପରେ ରହିଲାବେଳେ ସେତେବେଳର ସାମ୍ପ୍ରତିକ ଘଟଣା ମୋ ମନରେ ଅନେକ ପ୍ରଭାବ ପକାଇଥିଲା । ସେତେବେଳେ କ୍ୟାସେଟ୍‌ର ଜମାନା ଥିଲା । ଏମିତିରେ ପୁରୁଷୋତ୍ତମ, ପ୍ରଭୁଦୟା, ପ୍ରୀତି ଆଦି କେତେକ ଭଜନ ଓ ଆଧୁନିକ ଗୀତ ଲେଖିଲି । ପରେ ବୀରଶିଶୁ ବେଲାଳସେନ, ମହାସତୀ ସାବିତ୍ରୀ, ଶିଶୁ ଗୀତିନାଟ୍ୟ ରଚନା କରିଥିଲି । କିନ୍ତୁ ନାଟକ କରିବା ପାଇଁ ସେତେବେଳେ ନୂଆ ନାଟକବହି ମିଳୁ ନ ଥିଲା । ବଡ଼ ବଡ଼ ନାଟ୍ୟକାରଙ୍କ ପାଖରେ ଆମେ ପହଞ୍ଚିପାରୁ ନ ଥିଲୁ । ଏହି ସମୟରେ କେତେକ ସୌଖୀନ ନାଟ୍ୟସଂସ୍ଥା ମତେ ନାଟକ ଲେଖିବା ପାଇଁ ପ୍ରେରଣା ଦେଲେ । ଆଉ ମୋର ନାଟକ ଲେଖାଲେଖି ଜାରି ରହିଲା । ଅନ୍ୟପକ୍ଷେ ମାଡ୍ରାସସ୍ଥିତ ଏ.ଏମ.ଜେ.ଏନ୍ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟରୁ ପୋଷ୍ଟ ଗ୍ରାଜୁଏଶନ, ପୁଣି ପରସୋନେଲ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେଶନରେ ଡିପ୍ଲୋମା କଲି । ଏହାପରେ ଚାକିରି ପାଇଁ ଚିନ୍ତା କଲି । ମାତ୍ର ମୋର କଳା ପ୍ରତି ଆଗ୍ରହ ଥିବାରୁ କିଛିବର୍ଷ ପାଇଁ ଇଟିଭିରେ କାର୍ଯ୍ୟ କରିଥିଲି । କିନ୍ତୁ ମୋର ଲେଖାଲେଖି ଜାରି ରହିଥାଏ । ପ୍ରଥମ ନାଟକ ଥିଲା ‘ଝଡ଼ ଅବଶେଷର ମଣିଷ’ । ତା’ ପରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମଞ୍ଚନାଟକ ରଚନା କରିସାରିଲିଣି । ୧୯୮୯ ମସିହାରେ ବାଲେଶ୍ୱର ବିନ୍ଦୁବଳୟ ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ ‘ନିଃସଙ୍ଗ ନଚିକେତା’ ଲାଗି ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ହୋଇଥିଲି । ଏହାପରେ ସୁନାଭଉଣୀ, ଏଇ ବୋଧେ ପ୍ରେମ, ଖଳନାୟିକା, ଅଳିଆ ଭିତରେ କାଳିଆ, ଆଉ ଜଣେ ବାପା, ଜଣେ ସାମ୍ବାଦିକ, କାହାର ସେ ଜହ୍ନ, ଧନହାନି ପ୍ରାଣପୀଡ଼ା, ଆମେ ସବୁ ମରିସାରିଛୁ ଆଦି ନାଟକ ପୁସ୍ତକ ପ୍ରକାଶ ପାଇଛି । ପୁଣି ପ୍ରକାଶିତ ପୁସ୍ତକ ମଧ୍ୟରେ ବାପା, ବୋଉ ଆଦି ରଚନା କରିଛି । ଗୀତିକବିତା ଭାବେ ମରୁନୁ ମାଙ୍କଡ଼ । ଏବେ ଅଧିକାଂଶ ସମୟ ଗୀତ, ନାଟକ, ସିରିଏଲରେ ସମୟ ବିତାଉଛି । ଏଥିରେ ଆନନ୍ଦ ମିଳୁଛି ଆଉ ଜୀବନର ମୂଲ୍ୟବୋଧକୁ ବୁଝିପାରିଛି । ଏଯାଏ ପ୍ରାୟ ଶତାଧିକ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇସାରିଲିଣି । କେତୋଟି ଚଳଚ୍ଚିତ୍ର ଓ ଟିଭି ସିରିଏଲରେ ମଧ୍ୟ ଅଭିନୟ କରିବା ସହିତ କିଛି କାହାଣୀ ପାଇଁ ସଂଳାପ ଲେଖିଛି । ମୋ ଚାରିପାଖର ଘଟଣାଗୁଡିକୁ ନେଇ ମୁଁ ଲେଖିଥାଏ । ସତେଯେମିତି ସେମାନେ ମୋ ପଡ଼ିଶା ପରି ଲାଗନ୍ତି । ଆଧୁନିକ ସଂଗୀତ ଦୁନିଆର ବାଦ୍‌ଶାହ ତଥା ସୁପରିଚିତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସହିତ କେତୋଟି ଗୀତ ରେକର୍ଡିଙ୍ଗ୍ କରିବାର ସୁଯୋଗ ପାଇଥିଲି । ତାଛଡା ମନମୋହନ ମହାପାତ୍ରଙ୍କ ୟୁନିଟ୍‌ରେ ଦୀର୍ଘ ୮ ବର୍ଷ ଧରି କାମ କରିବାର ଅଭିଜ୍ଞତା ରହିଛି । ଏମିତିରେ ନାଟ୍ୟକଳାକୁ ନେଇ ରହିଛି ଅନେକ ସ୍ୱପ୍ନ ।






ନିଜ କଳାକାର ଜୀବନକୁ ନେଇ ବେଶ୍ ସନ୍ତୁଷ୍ଟ ଦିଲୀପ କୁହନ୍ତି, ‘ବାପା ଦିନେ କହୁଥିଲେ ତମେମାନେ ଯେବେ ଏ ଦୁନିଆ ଛାଡ଼ି ଚାଲିଯିବ, ତମକୁ କେବଳ ପରିବାରରେ କେତେଜଣ ମନରଖିବେ । ମାତ୍ର ଏମିତି କିଛି ଭଲକାମ କର, ଯେମିତି କି ତୁମର ଅନୁପସ୍ଥିତିରେ ସମସ୍ତେ ତୁମକୁ ମନେପକାଇବେ ଓ ତୁମର ଉପସ୍ଥିତିକୁ ଖୋଜିବେ । ଯାହା ମତେ ଲେଖାଲେଖି କରିବାରେ ଖୁବ୍ ପ୍ରେରଣା ଦେଇଛି । କାରଣ ସେଇ ଲେଖାଲେଖି ମାଧ୍ୟମରେ ମୁଁ ପାଠକଙ୍କ ହୃଦୟରେ ଜିଇବାକୁ ଚାହେଁ ।

ତେବେ ମୋ ମତରେ ନାଟକ ଯେ କେବଳ ଦର୍ଶକଙ୍କୁ ମନୋରଞ୍ଜନ ଦିଏ ତା’ ନୁହେଁ ବରଂ ସମାଜର ନିଛକ ଛବି ନାଟକରେ ହିଁ ପ୍ରତିଫଳିତ ହୋଇଥାଏ ; ଯାହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ । ତେବେ ଜୀବନର ପ୍ରତି ଘଟଣା ମୋ ପାଇଁ ହେଉଛି ଗୋଟିଏ ଗୋଟିଏ ନାଟକ ।

–ବନବିହାରୀ








## ଝିଅ

–ସତ୍ୟନାରାୟଣ ଗନ୍ତାୟତ

ଝିଅ ଝୁମେ ସରାଗରେ
ଗେହ୍ଲା ଟିକେ ମିଳିଗଲେ
ଝୁମେ ଝୁମି
ଦିଏ ବି ଝୁମେଇ !

ଗେହ୍ଲେଇ ହେଉ ହେଉ
ପୁଣି ଛାଏଁ ଚେଇଁ ଉଠେ
ତା' ଭିତରେ ସାଇତା ମାଆ
ଆପଣାଏ, ଆକଟ ବି କରୁକରୁ
ବନି ଯାଏ ସିଏ ଜୀବନର ରାହା !!

ଝିଅ ତେଣୁ
ଅଂଶଟେ ଆତ୍ମାର
ଆତ୍ମା ପରି
ଶାଶ୍ୱତ ସୁନ୍ଦର !!

–'ସୁହାସିତମ୍', କସ୍ତୁରୀ ନଗର,
ରାୟଗଡା
ମୋ: ୯୪୩୭୯୦୯୬୭୫

## ଝିଅଟିଏ

–ସୁବ୍ରତ କୁମାର ଜେନା

କେତେ ଜନ୍ମର ପୁଣ୍ୟଟିଏ,
ଜନ୍ମିଥାଏ,
ପୂରଣ କରିବାକୁ ସ୍ୱପ୍ନଟିଏ ।
ଆଖିରେ,
ଆଖିଏ ଭରିଥାଏ ସ୍ୱପ୍ନ,
ମନରେ,
ବାନ୍ଧିବସେ ଆକାଶର ଜହ୍ନ ।
କେତେବେଳେ,
ଚୁଲୁବୁଲି ସୁନ୍ଦର ପ୍ରଜାପତି,
ଉଡ଼ି ଉଡି,
ଗାଏ ଗୀତ ସାରା ଦିନ ରାତି ।
ପାରେନି,
ସେ ସହି ଆଖିର ଲୁହକୁ,
ମହମ,
ପରି ଜଳିଯାଏ ଜାଳି ଜୀବନକୁ ।
ଦୁଃଖରେ,
ସେ ଝରିଯାଏ ହୋଇ ଲୁହ ଧାର,
ସୁଖରେ,
ହସିଦିଏ ହୋଇ ମୁକ୍ତା ଝର ।

–ଶୁରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

# ଗଣ୍ଠି

–ଛନ୍ଦା ମିଶ୍ର

ଆକାଶ ଥିଲା ମେଘାଚ୍ଛନ୍ନ,
ଘୋଟି ଆସିଥିଲା କଳା ହାଣ୍ଡିଆ ମେଘ,
ଲାଗୁଥିଲା, ଏଇ ବୋଧେ ବରଷିଯିବ।
ନିଜ ମନକୁ ଦୃଢ଼ କରି କଠୋର ନିଷ୍ପତ୍ତି ନେବାକୁ ବାଧହେଲା ସୁନନ୍ଦା। ବହୁତ ହେଲା ଆଉ ନୁହେଁ । ଯାହା ବି ହେଉ, ଆଜି ସେ ଚାଲିଯିବ ବୋଉ ପାଖକୁ । ଅଫିସ ଗଲା ପୂର୍ବରୁ ସୁନୀଲଙ୍କୁ ସେ ଶୁଣେଇ ଦେଇଚି, ଏ ଘରେ ଆଜି ତା'ର ଶେଷଦିନ ବୋଲି । ସେ ବି ଜୋତା ପିନ୍ଧୁ ପିନ୍ଧୁ କେତେ ନିର୍ଦ୍ଦୟ ହୋଇ କହିଲେ, ''ତୁମର ଯୁଆଡ଼େ ଇଚ୍ଛା ହେଉଛି ଯାଅ.. ଚାବିଟା ପାଖ ଘରେ ଦେଇଯିବ.....'।'

ଏତେ ଅପମାନ ପରେ, ଏ ଘରେ ରହିବାଟା ତା' ପାଇଁ ହୋଇଯିବ ଦୁର୍ବିଷହ। ପ୍ରଥମେ ସେ ଭାବିଲା ବେକରେ ଶାଢ଼ି ଗୁଡ଼େଇ ପଙ୍ଖାରେ ଝୁଲି ପଡ଼ିବ ବୋଲି, ହେଲେ ସୋନୁର ମୁହଁଟା ବାରମ୍ବାର ତା ' ଆଖିରେ ନାଚିଉଠିଲା । ମାମା, ଆତ୍ମହତ୍ୟା କରିଛି ଶୁଣି, ଛୁଆଟା ବିକଳ ହୋଇଯିବ । କିନ୍ତୁ ସୁନୀଲ ସହ ଏପରି ଆଉ କେତେଦିନ ବା ସେ ରହିବ ଧୈର୍ଯ୍ୟ ଧରି। ରାଗରେ ଦେହ ମୁଣ୍ଡ ତା'ର ଜଳି ଉଠୁଥିଲା। ଇଚ୍ଛା ତ ହେଉ ଥିଲା, ଆତ୍ମହତ୍ୟା କରି ସୁନୀଲ ମୁଣ୍ଡରେ ସବୁ ଦୋଷ ଲଦିଦେବାକୁ...... ।

ଆଲମାରୀ ଖୋଲିଲା ସୁନନ୍ଦା। ମନେ ମନେ ପଣ କଲା , ସୁନୀଲ ଦେଇଥିବା କୌଣସି ଜିନିଷ ଛୁଇଁବ ନାହିଁ। ନୂଆ ବାହାଘର ବେଳର ପାଟ ଓ ଆଉ ଆଠ ଦଶଟି ଶାଢ଼ି ଯାହା ତାକୁ ବୋଉ ଦେଇଥିଲା ତାକୁ ଭରିଲା ଆଟାଚିରେ। ଥରେ ଆଖି ବୁଲେଇ ଆଣିଲା ନିଜର ଅତି ପ୍ରିୟ ଶାଢ଼ିଗୁଡ଼ିକ ଉପରେ। ହାତରେ ଥରେ ଥରେ ଛୁଇଁଦେବାକୁ ମନ ଡାକିଲା। ଏଇ ମେହେନ୍ଦି କଲର ଶାଢ଼ିଟା ଦୁଇବର୍ଷ ତଳେ ସୁନୀଲ ଆଣିଥିଲେ ଜୟପୁରରୁ, ଟୁର୍‌ରୁ ଫେରିଲା ବେଳେ। ଆଉ ଏଇ ଚୁମ୍‌କି ଲଗା ରାନୀ କଲରର ଶାଢ଼ିଟା ଦେଇଥିଲେ ସୁନନ୍ଦାର ଜନ୍ମଦିନରେ। ଏଇ ଶାଢ଼ିଟି ପିନ୍ଧିଲେ, ସେ କାଳେ ଭାରି ସୁନ୍ଦର ଦିଶେ। ଯୁଆଡ଼େ ବାହାରିଲେ, ସେ ଯଦି ପଚାରେ, କୋଉ ଶାଢ଼ି ପିନ୍ଧିବି ? ସଙ୍ଗେ ସଙ୍ଗେ ସୁନୀଲ ଉତ୍ସାହିତ ହୋଇ କହନ୍ତି, ସେଇ ରାନୀ କଲର ଶାଢ଼ିଟା, ଯୋଉଟା ତମ ବାର୍ଥ ଡେ'ରେ ମୁଁ ଦେଇଥିଲି.. । ହସି ଉଠେ ସୁନନ୍ଦା, ଲୋକ କ'ଣ କହିବେ.. ଯା ପାଖେ କ'ଣ ଏଇ ଗୋଟିଏ ଶାଢ଼ି.. ।
ଓଃ.. କୁଆଡ଼େଗଲା ସେଦିନ ସବୁ, ସମ୍ପର୍କରେ କ'ଣ ତାଙ୍କର ଗ୍ରହଣ ଲାଗି ଗଲା..... ।
ଶାଢ଼ିଟିକୁ ଛାତିରେ ଜାକି କଇଁ କଇଁ ହୋଇ କାନ୍ଦି ଉଠିଲା ସୁନନ୍ଦା। ଆଜିକାଲି ବହୁତ ବଦଳି ଗଲେଣି ସୁନୀଲ। ଯେତେବେଳେ ଦେଖିଲେ ଚିଡ଼ ଚିଡ଼ ହେଉଛନ୍ତି। ଛୋଟ ଛୋଟ କଥାକୁ ନେଇ ଝଗଡ଼ାକରି ବସୁଛନ୍ତି। ଅଧା ଦିନ ଦୁହିଁଙ୍କ କଥାବାର୍ତ୍ତା ବନ୍ଦ। ଧୀରେ ଧୀରେ ସମ୍ପର୍କରେ ପଡ଼ି ଚାଲିଥିଲା ଗୋଟିଏ ଗୋଟିଏ ଗଣ୍ଠି।
ରାଗିଯାଇ ଯଦି ସୁନନ୍ଦା କହିଲା, ସବୁଦିନ ଏକାଠି ରହି ଅଶାନ୍ତି ହେବା ଅପେକ୍ଷା ଅଲଗା ହୋଇଯିବା ଭଲ ବୋଲି, ତେବେ ସୁନୀଲ ତ, ଏପରି କାଇଁ କହୁଛ କହି ତାକୁ ରାଗି ପାରିଥାନ୍ତେ.. । ସେ କିନ୍ତୁ, ହଁ ଠିକ୍ କହୁଛ, କହି କବାଟଟାକୁ ଜୋର୍‌ରେ ଧକ୍କାଦେଇ ଚାଲିଯାଇ ଥିଲେ ବାହାରକୁ। ଏହାର ଅର୍ଥ କ'ଣ ହୋଇପାରେ.. ନିଶ୍ଚେ ସେ ଆଗରୁ ଅଲଗା ହେବା ପାଇଁ ବୋଧେ ପ୍ରସ୍ତୁତ ହୋଇ ସାରିଥିଲେ...

ହଠାତ୍ ଲାଲ୍ ଜରିଟିଏ ତଳକୁ ଖସି ପଡ଼ିଲା ଧପ୍ କିନା। ଚମକି ପଡ଼ିଲା ସେ, ଗୋଟେଇ ଆଣିଲା କୋଳକୁ। ତା' ଭିତରେ ଥିଲା ସୁନୀଲଙ୍କର ସତର ଖଣ୍ଡ ଚିଠି, ଯାହା ସେ ସୁନନ୍ଦାକୁ ଲେଖିଥିଲେ ନୂଆ ନୂଆ ବାହାଘର ପରେ। ସୋନୁକୁ ତିନି ବର୍ଷ ହେବା ପର୍ଯ୍ୟନ୍ତ ସୁନନ୍ଦା ଥିଲା ଶାଶୁଘରେ। ସେଇ ପାଞ୍ଚବର୍ଷର ସ୍ମୃତି ଏତକ।
ଗୋଟିଏ ଖୋଲି ପଡ଼ିଲା..
ସୁନୁ..
ଭାରି ମନେ ପଡୁଛ ତମେ.. କେବେ ଆସିବ, ସେଇଦିନକୁ ଅପେକ୍ଷା କରିଛି। ତମ ବିନା ଏ ଘରଟା ଖୁବ୍ ଖାଁ ଖାଁ ଲାଗୁଛି .....
ତମର ନିଲ୍
ଦୁଇଲାଇନର ସେଇ ଛୋଟ ଚିଠିଟି ପଢ଼ି, କୋହ ସମ୍ଭାଳି ନ ପାରି ପୁଣି କାନ୍ଦି ଉଠିଲା ସୁନନ୍ଦା। ସତରେ.. କେବେଠାରୁ ସେ ସୁନୀଲକୁ ନିଲ୍ ଡାକିବା ଛାଡି ଦେଇଚି.. ସୁନୀଲ ବି ତ ଆଉ ତାକୁ ସୁନୁ ଡାକୁ ନାହାନ୍ତି...... ।
କଲିଂ ବେଲ୍‌ର ଶବ୍ଦରେ ପ୍ରକୃତିସ୍ଥ ହୋଇ ଲୁହ ପୋଛି କବାଟ ଖୋଲିଲା ସେ। ସାମ୍ନାରେ ଛିଡ଼ାହୋଇଥିଲା ସୁନୀଲ। ବର୍ଷାରେ ହୋଇଥିଲା ଓଦା ଜଡ଼ସଡ଼। ଗାମୁଛା ଆଣିବ ବୋଲି ବୁଲି ପଡ଼ିଲା ବେଳକୁ ହାତକୁ ତା'ର ଧରି ପକାଇଲେ ସୁନୀଲ.....
ଏଇ ମୁହୂର୍ତ୍ତକୁ ହିଁ ଅପେକ୍ଷା କରିଥିଲା ସୁନନ୍ଦା। ଲୋଟିଗଲା ସୁନୀଲର ଛାତିରେ। ଉଭୟଙ୍କ ଆଖିରୁ ବୋହି ଚାଲିଥିଲା ଲୁହ, ନିଶବ୍ଦରେ.... ଗୋଟିଏ ପରେ ଗୋଟିଏ ଗଣ୍ଠି ଫିଟି ଚାଲି ଥିଲା ଆପେ ଆପେ। ବାହାରେ ହେଉଥିଲା ବର୍ଷା, ଭିତରେ ଭିଜୁଥିଲେ ଦୁହେଁ..... ।

–କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୯୪୩୭୪୫୩୬୧୦





କିଆରା

## ସ୍ୱତନ୍ତ୍ର ସଜବାଜ

କିଆରା ଆଡଓ୍ୱାନୀଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ଗୋଟିଏ କଥା ପାଇଁ ସ୍ପେଶାଲ ସଜବାଜ ହେଉଛନ୍ତି। ହେଲେ ସେଥିରେ ଏମିତି କ'ଣ ଅଛି କି ଯେ, ସେଥିଲାଗି କିଆରା ଦିନରାତି ଏକାଠି କରି ପ୍ରସ୍ତୁତ ହେଉଛନ୍ତି। ଅସଲ କଥା ହେଲା ସେ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମର ଗୀତ ପାଇଁ ଏପରି ସଜବାଜ। ସେହି ଗୀତଟିକୁ ଶୁଣିବା ପରେ ସେ ବିଳମ୍ବ ନ କରି କୋରିଓଗ୍ରାଫରଙ୍କ ସହ ଯୋଗାଯୋଗ କରିଥିଲେ। ଆଉ ସେଥିରେ ସେ କିପରି ପରଫେକ୍ଟ ଡ୍ୟାନ୍ସ କରିପାରିବେ ସେନେଇ କୋରିଓଗ୍ରାଫରଙ୍କ ଟିପ୍ସ ଅନୁସାରେ ପ୍ରାକ୍ଟିସ କରୁଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ, ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏଥିରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏହି ଗୀତରେ କ'ଣ ସ୍ପେଶାଲ ଅଛି ତାହା ସିନେମାଟି ରିଲିଜ ପରେ ଜଣାପଡିବ।



ଅଜୟ

## ବିଶାଲରୁ ଅଜୟ

ଅଜୟ ଦେବଗନଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ବିଶାଲ ବିରୁ ଦେବଗନ। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ସେ ଏହାକୁ ପରିବର୍ତ୍ତନ କରିଥିଲେ। ଅଜୟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଲ୍ ଔର କାଣ୍ଟେ'। ଏହି ଫିଲ୍ମରେ ଆକ୍ଟିଂ କରିବା ପୂର୍ବରୁ ସେ ନିଜ ନାମକୁ ବଦଳାଇ ବିଶାଲରୁ ଅଜୟ କରିଦେଇଥିଲେ। ନିଜ ଆକ୍ଟିଂ କ୍ୟାରିୟରରେ ଅଜୟ ଚାରି ଥର ଜାତୀୟ ପୁରସ୍କାର ପାଇବାରେ ସକ୍ଷମ ହୋଇଛନ୍ତି। ସେହି ଫିଲ୍ମଗୁଡିକ ହେଲା 'ଜଖ୍ମ୍', 'ଦ ଲିଜେଣ୍ଡ ଅଫ ଭଗତ ସିଂ' ଏବଂ ତାହ୍ନାଜୀ (ଯୁଗ୍ମ ଶ୍ରେଷ୍ଠ ଅଭିନେତା ଏବଂ ଲୋକପ୍ରିୟ ପ୍ରଯୋଜକ)। ଅଜୟ ପୂଜାର୍ଚ୍ଚନାରେ ବିଶ୍ୱାସ ରଖନ୍ତି। ସେ ଜଣେ ଶିବ ଭକ୍ତ। ତାଙ୍କର ଭାଇ ଅନୀଲ ଦେବଗନ ହେଉଛନ୍ତି ଜଣେ ଫିଲ୍ମ ପ୍ରଯୋଜକ ଏବଂ ଚିତ୍ରନାଟ୍ୟ ଲେଖକ। ଜୁହୁସ୍ଥିତ ସିଲଭର ବିଚ୍ ହାଇସ୍କୁଲରେ ତାଙ୍କର ସ୍କୁଲ ଶିକ୍ଷା ଏବଂ କଲେଜ ପଢା ମିଠିବାଇ କଲେଜରେ ଶେଷ ହୋଇଥିଲା।

## ଅଳ୍ପ ଦିନର ଗଳ୍ପ

ଜୀ ସାର୍ଥକର ନୂଆ ଓଡ଼ିଆ ସିନେମା 'ଅଳ୍ପ ଦିନର ଗଳ୍ପ' ଚଳିତ ମାସ ୧୬ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ଜି ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ନବାଗତ ଜ୍ୟୋତି ପଣ୍ଡା ଓ ସାୟଲ ମୁର୍ଖାଜୀଙ୍କୁ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଅଜୟ ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ପୁଷ୍ପକ ପରିଡାଙ୍କ ରଚିତ ଏବଂ ଆସାଦ ନିଜାମ୍‌ଙ୍କ ସ୍ୱର ସଂଯୋଜନାରେ ଏହି ଫିଲ୍ମର ଗୀତଗୁଡ଼ିକ ବେଶ ମନ ଛୁଆଁ ହୋଇଛି। ମ୍ୟୁଜିକ ଭିଡିଓରେ ଲୋକପ୍ରିୟତା ପାଇବା ପରେ ଜ୍ୟୋତି–ସାୟଲ୍‌ଙ୍କର ଏହା ହେବ ଡେବ୍ୟୁ ଫିଲ୍ମ। ଟିନ୍ ଏଜ୍‌ରେ ସମସ୍ତେ ପ୍ରେମରେ ପଡ଼ନ୍ତି। ଜଣେ ଆଉ ଜଣକୁ ଭଲ ଲାଗନ୍ତି। କିନ୍ତୁ ତା' ଭିତରେ ଘଟୁଥିବା ଅନେକ ଘଟଣାକୁ ନେଇ ଏହାର କାହାଣୀ ଗତିଶୀଳ ହୁଏ। ଏହାର କାହାଣୀ ସହ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ପୂର୍ବ ସିନେମାଗୁଡିକ ପରି ଏହି ସିନେମା ମଧ୍ୟ ହିଟ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି ଜି ସାର୍ଥକ।



ଜ୍ୟୋତି–ସାୟଲ



ସୋନାକ୍ଷୀ

## ଇମୋଶନାଲ ସୋନାକ୍ଷୀ

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ନିଜ ଫିଲ୍ମରେ ସାଇନ୍ କରିବାକୁ ଅଫର ଦେଇଥିଲେ। ଏହାର ନିର୍ଦ୍ଦେଶକ ସୋନାକ୍ଷୀଙ୍କୁ କାହାଣୀ ଶୁଣାଇବା ବେଳେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ। ହେଲେ ଯେତେବେଳେ କାହାଣୀର କ୍ଲାଇମାକ୍ସ ଆସିଲା, ସେ ବେଶ୍ ଇମୋଶନାଲ ହୋଇପଡିଲେ। ଆଉ ଦେଖୁଦେଖୁ ତାଙ୍କର ଆଖି ଛଳଛଳ ହୋଇଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ସୋନାକ୍ଷୀ କହନ୍ତି, "ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଆଉ ଏଥିରେ ମୁଁ ଏତେ ମଜ୍ଜି ଯାଇଥିଲି ଯେ, କ୍ଲାଇମାକ୍ସ ସମୟରେ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଏହାର କାହାଣୀ ରଚିତ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।" ତେବେ ଏହି ନୂଆ ଫିଲ୍ମଟି ସୋନାକ୍ଷୀଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

## ପ୍ରେମ ନୁହେଁ ବନ୍ଧୁତା

ପରିଣିତି ଚୋପ୍ରାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ?ସେ କୁଆଡେ ଏବେ ପ୍ରେମରେ ପଡିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ପରିଣିତିଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଆଉ କୁହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯାହାଙ୍କ ସହ ମୋ ନାମକୁ ଯୋଡାଯାଉଛି ତାଙ୍କ ସହ ମୋର କୌଣସି ଅନ୍ୟ ସମ୍ପର୍କ ନାହିଁ। ସେ ମୋର କେବଳ ବନ୍ଧୁ। ଆମେ ଦୁହେଁ ଏକ ମ୍ୟୁଜିକ ଭିଡିଓ ପ୍ରସ୍ତୁତ କରିବାକୁ ଯୋଜନା କରିଛୁ। ତେଣୁ ଏ ନେଇ ଆମେ ଅନେକ ସମୟରେ ଏକାଠି ହେବା ସହ ଆଲୋଚନା କରୁ। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ବର୍ତ୍ତମାନ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ପରିଣିତିଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।



ପରିଣିତି

## ନୁସରତ୍‌ଙ୍କ ଡିନର୍ ପାର୍ଟି

ନୁସରତ୍ ଭରୁଚା ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ଗତ ଦୁଇ ବର୍ଷ ଧରି କୋଭିଡ୍ ମହାମାରୀ ପାଇଁ ଫିଲ୍ମ ଇଣ୍ଡଷ୍ଟ୍ରି ବେଶ୍ ପ୍ରଭାବିତ ହୋଇଥିଲା। ସେଥିଯୋଗୁଁ ଅନେକ ସିନେମାର ଶୁଟିଂ, ପୋଷ୍ଟ ପ୍ରଡକ୍ସନ, ପ୍ରାରମ୍ଭିକ କାମ ଆଦି ବନ୍ଦ ଥିଲା। ସେତେବେଳେ ନୁସରତ୍ ଅଭିନୟ କରିଥିବା 'ରାମସେତୁ'ର ଶୁଟିଂ ମଧ୍ୟ ସାମୟିକ ଭାବରେ ବାଧାପ୍ରାପ୍ତ ହୋଇଥିଲା। ତେବେ ଏହାର ଶୁଟିଂ ଶେଷ ହୋଇ ଚଳିତ ମାସ ୨୫ରେ ଫିଲ୍ମଟି ପରଦା ଉପରକୁ ଆସୁଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର ଏବଂ ଜ୍ୟାକଲିନ୍ ଫର୍ନାଡିସ୍। ତେବେ ଏହି ଫିଲ୍ମ ଲାଗି ସେ ଏହାର ସଦସ୍ୟଙ୍କୁ ଏକ ଡିନର ପାର୍ଟିରେ ଅପ୍ୟାୟିତ କରିବାକୁ କଥା ଦେଇଥିଲେ। ଆଉ ନିଜ କଥା ମୁତାବକ ନିକଟରେ ସେ ଏହି ପାର୍ଟିର ଆୟୋଜନ କରିଥିଲେ। ଏହି ସମୟରେ ଅକ୍ଷୟ କୁମାରଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ ନୁସରତ୍। ଏ ନେଇ ସେ କହନ୍ତି, 'ପୂର୍ବରୁ ମୁଁ ମୋ ସାଥୀ କଳାକାରଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବାକୁ କଥା ଦେଇଥିଲି। ଏହି ଫିଲ୍ମରେ ଅକ୍ଷୟ କୁମାରଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିଛି। ତାଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳିବା ଭାଗ୍ୟର କଥା।' ଏବେ ନୁସରତ୍‌ଙ୍କ ହାତରେ ଦୁଇଟି ସିନେମା–'ସେଲ୍‌ଫି' ଏବଂ 'ଅକେଲି' ରହିଛି।



ନୁସରତ୍

# ପ୍ରେମିକା ବାଟକୁ ରହିଛି ଚାହିଁ, ସୁନ୍ଦରୀ ହସରେ ଗ୍ୟାରେଣ୍ଟି ନାହିଁ

''ଏକତରଫା ପ୍ରେମ ଅଦିନିଆ ମେଘ ପରି ଫୁର୍ କିନା ଆସିବ ପୁଣି ଆଖି ପିଛୁଳାକେ କୁଆଡେ ଉଭେଇ ଯିବ। ଆଉ ସେ ପ୍ରେମର ବିରହ ଦରଦ ମନକୁ ରାମ୍ପି ବିଦାରି ନଷ୍ଟ କରିଦେବ। ତେଣୁ ଏମିତି ପ୍ରେମ କରନ୍ତୁ ଯେଉଁଥିରେ ଆପଣଙ୍କ ମନକୁ ଶାନ୍ତି ଲାଗିବ ଆଉ ଜାଣିପାରିବେ ସେ ପ୍ରେମ କରି ମୁଁ ଠିକ୍ କରିଛି। ନ ହେଲେ ଏକତରଫା ପ୍ରେମ କରି ତାହାର ପ୍ରତାରଣା ଜ୍ୱାଳାରେ ସାରା ଜୀବନ ଛଟପଟ ହେଉଥିବେ।''

**ପ୍ରଶ୍ନ**-ସୁନ୍ଦରୀର ହସ ଆଉ ତାହାର ପ୍ରେମ-ଏହା ଭିତରେ କିଛି ଫରକ୍ ଅଛି କି ?
*-ପ୍ରତାପ, କଳାହାଣ୍ଡି*

**ଉତ୍ତର:** ସୁନ୍ଦରୀ ହସରେ ଅନେକ ଗହନ କଥା ଲୁଚି ରହିଥାଏ। ସେହି ହସରେ ପ୍ରେମ ଥାଏ ପୁଣି ଭରି ରହିଥାଏ ପ୍ରତାରଣାର ମହକ। ତେଣୁ ସୁନ୍ଦରୀ ହସକୁ ପଢ଼ିବାକୁ ଥଣ୍ଡା ମିଜାଜ ଲଗାନ୍ତୁ। ସେହି ରଙ୍ଗୀନ ହସରେ ମତୁଆଲା ହେବା ପୂର୍ବରୁ ହଜାରେ ଥର ଚିନ୍ତା କରନ୍ତୁ। କାରଣ ଥରେ ଗୋଡ ଖସିଗଲେ ପ୍ରେମ ସମୁଦ୍ରରେ ଅକାତ କାତ ପାଣି। ଯଦି ଥରେ ପାଦ ତଳକୁ ଚାଲିଗଲା, ତେବେ ଧରି ନିଅନ୍ତୁ ଯେ ବୁଡିଗଲା ଗୋଡ ତଳକୁ ତଳକୁ। ବାକି ରହିଲା ସୁନ୍ଦରୀର ପ୍ରେମ କଥା। ଯଦି ଆପଣଙ୍କ ମନକୁ ଆସୁଛି ଯେ ସୁନ୍ଦରୀ ପ୍ରେମରେ ଗ୍ୟାରେଣ୍ଟି ଅଛି ତେବେ ଆଗାନ୍ତୁ। ଯଦି ସୁନ୍ଦରୀ ହସକୁ ପାଥେୟ କରି ତାକୁ ଅପେକ୍ଷା କରିବସିଛନ୍ତି ତେବେ ସେଥିରେ ବିଶ୍ୱାସ ଶତ ପ୍ରତିଶତ ରହିବା ନିହାତି ଦରକାର। 'ପ୍ରେମିକା ବାଟକୁ ରହିଛି ଚାହିଁ, ସୁନ୍ଦରୀ ହସରେ ଗ୍ୟାରେଣ୍ଟି ନାହିଁ'

**ପ୍ରଶ୍ନ**-କଲେଜରେ ପଢ଼ିବା ସମୟରେ ଜଣେ ଝିଅକୁ ଏକତରଫା ପ୍ରେମ କଲି। ସେ ତ କୁଆଡେ ଗଲା ତାହା ଜଣା ନାହିଁ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?
*-ସନତ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ଆପଣ ବୋଧହୁଏ ପ୍ରେମକୁ ନେଇ ଏକ୍ସପେରିମେଣ୍ଟ କରୁଛନ୍ତି। ପ୍ରଥମେ ଜଣେ ଝିଅକୁ ପ୍ରେମ କଲେ, ପୁଣି ଏକତରଫା। ସେ କୁଆଡେ ଗଲା ତାହା ଜାଣିନାହାନ୍ତି। ଏବେ ପୁଣି ଥରେ ପ୍ରେମ ମହୋଦଧିରେ ବୁଡ ପକାଇବାକୁ ଗୋଡ ଟେକି ବସିଛନ୍ତି। ଯେତେବେଳେ ମନରେ ପ୍ରେମର ନିଶା ଚଢ଼ିବା ଆରମ୍ଭ ହୁଏ ସେତେବେଳେ ସାରା ଦୁନିଆ ପ୍ରେମମୟ ଦେଖାଯାଏ। ସେହି ସମୟରେ ଅନେକ ନିଜ ମନକୁ ନିଜ ଅଧିନରେ ରଖିପାରନ୍ତି ନାହିଁ। ପ୍ରଥମେ ମନକୁ କଣ୍ଟ୍ରୋଲରେ ରଖନ୍ତୁ। ଏକତରଫା ପ୍ରେମ ଅଦିନିଆ ମେଘ ପରି। ଫୁର୍ କିନା ଆସିବ ପୁଣି ଆଖି ପିଛୁଳାକେ କୁଆଡେ ଉଭେଇ ଯିବ। ଆଉ ସେ ପ୍ରେମର ବିରହ ଦରଦ ମନକୁ ରାମ୍ପି ବିଦାରି ନଷ୍ଟ କରିଦେବ। ତେଣୁ ଏମିତି ପ୍ରେମ କରନ୍ତୁ ଯେଉଁଥିରେ ଆପଣଙ୍କ ମନକୁ ଶାନ୍ତି ଲାଗିବ ଆଉ ଜାଣିପାରିବେ ସେ ପ୍ରେମ କରି ମୁଁ ଠିକ୍ କରିଛି। ନ ହେଲେ ଏକତରଫା ପ୍ରେମ କରି ତାହାର ପ୍ରତାରଣା ଜ୍ୱାଳାରେ ସାରା ଜୀବନ ଛଟପଟ ହେଉଥିବେ।

**ପ୍ରଶ୍ନ**-ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ହେଲେ ମୋ ପ୍ରେମ ଆଗକୁ ଯାଉ ନାହିଁ। କ'ଣ କରିବି ?
*-ସୁବୋଧ ଦାସ, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**-ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା। ବର୍ତ୍ତମାନ ମୁଁ କଣ କରିବି ?
*-ବିବେକ କୁମାର, ରାଉରକେଲା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିନାହାନ୍ତି। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। କେତେକ ହସରେ ଏପରି ଭାଇରସ ଥାଏ ଯେ ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଏବେ ଯଦି ସେ ପ୍ରେମିକାର ଅସଲ ରୂପ ଜାଣିସାରିଲେଣି, ତେବେ ବିଳମ୍ବ କରି କିଛି ଫାଇଦା ନାହିଁ। କାରଣ ସେହି ବହୁରୂପୀ ପ୍ରେମିକାକୁ ନେଇ ଯଦି ଆଗକୁ ଆଗାନ୍ତି ତେବେ ଆପଣଙ୍କ ପ୍ରେମର ଯନ୍ତ୍ରଣା ବଢ଼ି ଚାଲିବ। ତେଣୁ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

ସାଥୀ



## ପ୍ରଥମ ରୋଜଗାର

# ୩୦୦ଟଙ୍କା ପାଇଥିଲି



ସାହିତ୍ୟିକା ତଥା ଶିକ୍ଷୟିତ୍ରୀ **ମନୀଷା ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରପଡ଼ା ଗାଁରେ ମୋ ଜନ୍ମ। କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିଲି। ମୁଁ ମୋର ପିଲାବେଳରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଖୁବ୍ ପ୍ରିୟ ଥିଲି। ପିଲାଦିନରୁ ମୋ ସ୍ପଷ୍ଟବାଦିତା, ନିର୍ଭୀକ, ସମୟାନୁବର୍ତ୍ତିତା, ପରିଚ୍ଛନ୍ନତା ଓ ଶିକ୍ଷା ପ୍ରତି ଆଗ୍ରହ ଇତ୍ୟାଦି ଛାତ୍ର ସୁଲଭ ଗୁଣ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲି ଏକଦା କୁଷ୍ଠରୋଗ ପାଇଁ ଛୋଟିଆ ଜନସଚେତନ କାର୍ଯ୍ୟକ୍ରମଟିଏ ଏକ ବେସରକାରୀ ସଙ୍ଗଠନ ତରଫରୁ ଆୟୋଜିତ ହୋଇଥିଲା। ସେଦିନ ଦ୍ୱିତୀୟ ଘଣ୍ଟରେ ଆମ ଶ୍ରେଣୀ ଶିକ୍ଷକ ଆସି ଏ କାର୍ଯ୍ୟକ୍ରମ ଆୟୋଜନ ବାବଦରେ କହି ଦେଇ ଯାଇଥାନ୍ତି। ପଞ୍ଚମ ଘଣ୍ଟରେ ହେବାକୁ ଥାଏ କୁଷ୍ଠରୋଗ ଓ ଏହାର ନିରାକରଣ ସମ୍ବନ୍ଧରେ ବକ୍ତୃତା ପ୍ରଦାନ କାର୍ଯ୍ୟକ୍ରମ। ଆମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଅଂଶଗ୍ରହଣ ପାଇଁ ମୋ ନାମଟି ବାଛି ଥାଆନ୍ତି ଶିକ୍ଷକମାନେ। ମୋ ପାଖରେ ସମୟ ମାତ୍ର ଦ୍ୱିତୀୟ ଘଣ୍ଟରୁ ଚତୁର୍ଥ ଘଣ୍ଟ ଶେଷ ପର୍ଯ୍ୟନ୍ତ ଥାଏ। ମୁଁ ମନଧ୍ୟାନ ଲଗାଇ ଆମ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ଟେକ ରଖିବା ପାଇଁ ଖୁବ୍ ପରିଶ୍ରମ କରୁଥିଲି ସେଇ ଟିକକ ସମୟ ଭିତରେ। ପାଇଗଲି ପ୍ରଥମ ସ୍ଥାନ ସେହି ପ୍ରତିଯୋଗିତାରେ। ମୋତେ ବେସରକାରୀ ସଙ୍ଗଠନ ତରଫରୁ ମିଳିଥିଲା ୩୦୦ ଟଙ୍କା। ତିନୋଟି ଅର୍ଦ୍ଧ ନୂଆ ଶହେ ଟଙ୍କିଆ ନୋଟ୍। ତା'କୁ ପାଇ ମୁଁ ଏତେ ଖୁସି ହୋଇଥିଲି କହିଲେ ନସରେ। ଏହାପରେ ମୋ ଶିକ୍ଷକମାନେ ମୋତେ ପାଖକୁ ଡାକି ଢେର୍ ପ୍ରଶଂସା କରିଥିଲେ ଓ ଖୁସି ହୋଇଥିଲେ। ଆଜି ବି ସେସବୁ ମନେ ପଡ଼ିଲେ ମୁଁ ଭାବପ୍ରବଣ ହୋଇଯାଏ। ପିଲାଳିଆମିରେ କ'ଣ ଭାବିଥିଲି କେଜାଣି ? ସେଦିନ ସେ ତିନିଶହ ଟଙ୍କା ଶିକ୍ଷକମାନଙ୍କ ଟେବୁଲ ଉପରେ ରଖିଦେଇ ଦୌଡ଼ି ଚାଲିଆସିଥିଲି। ହେଲେ ବିଜ୍ଞାନ ଶିକ୍ଷକ ମୋ ପାଖକୁ ଆସି ମୋ ହାତରେ ସେ ନୋଟ୍ ଗୁଡ଼ା ଗୁଞ୍ଜି ଦେଉ ଦେଉ ମୁଣ୍ଡରେ ମୋର ହାତ ବୁଲାଇ ଆଣିଥିଲେ। କେମିତି ଯତ୍ନରେ ସେ ନୋଟ୍ ତିନିଖଣ୍ଡ ଆଣି ଘରେ ପହଞ୍ଚିବି ବାଟ ପାଇଲି ନାହିଁ। ଖାଇବା ଟିଫିନ୍ ଭିତରେ ପଲିଥିନ୍ ଗୁଡ଼େଇ ଘରକୁ ଦୌଡ଼ିଥିଲି। ବାପା ବୋଉ ଠୋ ଠୋ ହସିଥିଲେ ମୋ ଚପଳତାରେ ଯେବେ ବାପାଙ୍କ ହାତକୁ ଟଙ୍କା ବଢ଼େଇ କହିଥିଲି, ଏ ଟଙ୍କାରେ ଘର ଚଳେଇବା ପାଇଁ। ବାପା ସବୁ କଥା ଶୁଣିବା ପରେ ପରଦିନ ସକାଳୁ ଉଠି ମୋ ପାଇଁ ବତିଶଖଣ୍ଡ ପରଟା, ବନ୍ଧାକୋବି ତରକାରି, ବାଡ଼ି କଦଳୀ ସଜେଇ ଦେଇ ପଠେଇଥିଲେ ଶିକ୍ଷକମାନଙ୍କ ପାଇଁ ଖୁସିରେ। ମୋ ଶିକ୍ଷକମାନେ ଖାଇ ଖୁବ୍ ଖୁସି ହୋଇଥିଲେ କାରଣ ସେ ଖାଇବାରେ ସ୍ୱାଦ ଅପେକ୍ଷା ବେଶି ମିଶିଥିଲା ଆମ ଘରର ଭଲପାଇବା ଓ ସମ୍ମାନ ସେମାନଙ୍କ ପାଇଁ। ଏହି ଘଟଣାଟି ଥିଲା ୨୦୦୧ ମସିହାର କଥା। ଠିକ୍ ଏହାର ନଅ ବର୍ଷ ପରେ ମୁଁ ସରକାରୀ ଚାକିରୀ ପାଇଗଲି। ହେଲେ ଚାକିରୀର ପ୍ରଥମ ଦରମା କିନ୍ତୁ ମୋତେ ସେତିକି ଆତ୍ମଶାନ୍ତି ଦେଇନି ଯେତିକି ସେହି ତିନିଶହ ଟଙ୍କା ଦେଇଥିଲା ! ସେଦିନର ସେହି ତିନି ଶହ ଟଙ୍କା କଥା ମନେ ପଡ଼ିଗଲେ ଆଜି ବି ମୋ ଆଖି ଭିଜିଯାଏ ଭାବପ୍ରବଣତାର ଲୁହରେ। ସ୍କୁଲ ଦିନ କଥା ଖୁବ୍ ମନେ ପଡ଼େ। ମୋ ବିଦ୍ୟାଳୟ ମୋ ପାଇଁ ନନ୍ଦନବନ ଥିଲା ; ଯେଉଁଠି ମୁଁ ମୋ ନିଜକୁ ପାରିଜାତ ଭାବୁଥିଲି। ଆଜବେଷ୍ଟସର ତିନିଚାରି ବଖରା ଘର ଆଉ ଛୋଟ ଘାସର ଖେଳ ପଡିଆ। ମୋ ପ୍ରିୟ ଶିକ୍ଷକଙ୍କ ପ୍ରଚେଷ୍ଟାରେ ଅଳପ କଞ୍ଚେଇଥିବା କେଇଟା ଶାଳ, କାଜୁ, ଆଉ ଶାଗୁଆନ ଗଛ। ଅତ୍ୟାଧୁନିକ ନହେଲେ ମଧ୍ୟ ବେଶ୍ ଯୋଗ୍ୟତାସମ୍ପନ୍ନ ମୋ ପୂଜ୍ୟ ଶିକ୍ଷକମାନେ। ମୋ ସ୍କୁଲ ସହରର ରାଜରାସ୍ତାଠାରୁ ଅନେକ ଦୂରରେ। ନିପଟ ଗାଁ ମଫସଲର ଅଣକାଛିଆ ବିଲ ମଝିରେ ଥିଲା ମୋର ସେହି ସ୍କୁଲ। ଖୁବ୍ ଆପଣାର, ଢେର୍ ଅନ୍ତରଙ୍ଗ ଆଉ ସ୍ମୃତିର ଖିଅରେ ଯତ୍ନରେ ଗୁନ୍ଥା ହାର ଭଳି ସର୍ବଦା ପ୍ରତୀୟମାନ ହେଉଥିବ ମୋର ସେ ସ୍କୁଲ୍ ପଢାବେଳର ବିତିଥିବା ଦିନ ଆଉ ମୋ ପହିଲି ରୋଜଗାରର ପୁଲକ ; ଯାହାକୁ ମନରୁ କେବେ ବି ପାସୋରି ପାରିବି ନାହିଁ।

# ଦାମୀ କିନ୍ତୁ ଅଦରକାରୀ











**ବେଳେବେଳେ ଚର୍ଚ୍ଚାର ପରିସରଭୁକ୍ତ ହେବା ଅବା ରେକର୍ଡ କରିବା ଲାଗି ମଣିଷ ଏମିତି କିଛି ଜିନିଷ ତିଆରି କରିଥାଏ, ଯାହାର ମୂଲ୍ୟ ଆକାଶ ଛୁଆଁ ହୋଇଥାଏ। ହେଲେ ଏତେ ଦାମ୍ ସତ୍ତ୍ୱେ ବି ସେ ଜିନିଷଗୁଡ଼ିକ କୌଣସି କାମରେ ଲାଗି ପାରି ନ ଥାଏ। ଜାଣନ୍ତୁ ସେମିତି କେତୋଟି ଦାମୀ କିନ୍ତୁ ଅଦରକାରୀ ଜିନିଷ ସମ୍ପର୍କରେ...**

**ସୁପର ମାର୍କେଟ୍ ବ୍ୟାଗ୍:** ସୁପର୍ ମାର୍କେଟ୍‌ରେ କିଛି ସାମଗ୍ରୀ କିଣିଲେ ଏକ ଡିସପୋଜେବଲ୍ ପ୍ଲାଷ୍ଟିକ୍ ବ୍ୟାଗ୍ ମିଳେ। ଯାହା ପରବର୍ତ୍ତି ସମୟରେ ଅଦରକାରୀ ହୋଇଯାଏ। ଆଉ ଡଷ୍ଟବିନ୍‌ରେ ପକାଇଦିଆଯାଏ। ହେଲେ ବାଲେନ୍‌ସିଆଗା କମ୍ପାନୀର ଏମିତି ଏକ ଡିସ୍‌ପୋଜେବଲ୍ ପ୍ଲାଷ୍ଟିକ୍ ବ୍ୟାଗ୍ ଅଛି, ଯାହାର ମୂଲ୍ୟ ହେଉଛି ୧୦,୦୦୦ଡଲାର। ଏହି ବ୍ୟାଗର ମୂଲ୍ୟ ଏତେ ହେଲେ ବି ତା'ର ଭାଗ୍ୟ ଶେଷରେ ସେଇ ଡଷ୍ଟବିନ୍।

**ହୀରା ହେଲୋ କିଟି:** ଜାପାନୀ କାର୍ଟୁନ କ୍ୟାରେକ୍ଟର ହେଲୋ କିଟି ପ୍ରାୟ ସବୁ ପିଲାଙ୍କୁ ଭଲ ଲାଗେ। ଏହାର କଣ୍ଢେଇ ସବୁ ପିଲାଙ୍କ ପାଖରେ ଥାଏ। ହେଲେ ଏଠି ଯେଉଁ ହେଲୋ କିଟି କଣ୍ଢେଇଟିକୁ ଦେଖୁଛନ୍ତି ସୁନ୍ଦର ହେଲେ ବି ତାକୁ ନା କୌଣସି ପିଲା ପାଖରେ ରଖି ପାରିବେ ନା ଖେଳି ପାରିବେ। କାରଣ ଏହାର ମୂଲ୍ୟ ୧୬୩୦୦୦ ଡଲାର। ଏଥିରେ ରୁବି, ପିଙ୍କ ଶାଫାୟର୍, ଅମେଥିଷ୍ଟ ଓ ବ୍ଲୁ ଟୋପାଜ୍ ଖଚିତ ହୋଇଛି। ଏତେ ଦାମୀ ହେଲୋ କିଟି କେବଳ ମ୍ୟୁଜିୟମ୍‌ରେ ରହିବା ଯୋଗ୍ୟ।

**ହୀରା ଟି' ବ୍ୟାଗ୍:** ଚା' ପ୍ରିୟଙ୍କ ପାଇଁ ଟି' ବ୍ୟାଗ୍ ବହୁ ମୂଲ୍ୟବାନ। ତାକୁ ଗରମ କ୍ଷୀରରେ ବୁଡେଇ ବୁଡେଇ ପିଇବାବେଳେ ପରମ ଆନନ୍ଦ ମିଳେ। ହେଲେ ଏଠାରେ ଯେଉଁ ଟି' ବ୍ୟାଗ କଥା କୁହାଯାଉଛି ତାକୁ କେହି ବି କିଣିବାକୁ ଚାହିଁବେନି। କାରଣ ଏହାର ମୂଲ୍ୟ ୧୪,୦୦୦ ଡଲାର, ବ୍ରୁକ୍‌ବଣ୍ଡର ପିଜି ଟିପ୍ସର ୭୫ତମ ଆନିଭର୍ସରୀରେ ୨୮୦ଟି ହୀରା ଖଚିତ ଏହି ହାତ ତିଆରି ଟି ବ୍ୟାଗ୍‌ଟିକୁ ତିଆରି କରାଯାଇଥିଲା।

**ସୁନା ଷ୍ଟାପ୍‌ଲର୍ ପିନ୍:** ଷ୍ଟାପ୍‌ଲର୍ ପିନ୍ ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲରେ ଆବଶ୍ୟକ ହୁଏ। ମୂଲ୍ୟ ଖୁବ୍ କମ୍ ହେଲେ ବି ଏହା ବେଶ୍ ଦରକାରୀ। କିନ୍ତୁ ଏଠି ଯେଉଁ ଷ୍ଟାପଲର୍ ପିନ୍‌କୁ ଦେଖୁଛନ୍ତି ତାହା କୌଣସି କାମରେ ଲାଗିବନି। ହେଲେ ଏହାର ମୂଲ୍ୟ ଅଧିକ। ୨୧୦ ଡଲାରର ଏହି ପିନ୍ ୨୪ କ୍ୟାରେଟ୍ ସୁନାରେ ତିଆରି। ଏହା ଏକ ଭେଲଭେଟ୍ ଜୁଏଲାରୀ ବକ୍ସ ଭିତରେ ଉପଲବ୍ଧ ହୁଏ।







**ସୁନା ଟଏଲେଟ୍ ପେପର୍:** ଏଇ ଟଏଲେଟ୍ ପେପର୍‌ର ମୂଲ୍ୟ ଏତେ ଯେ, ସେଥିରେ ଆପଣ ଏକ ଲକ୍‌ଜ୍ୟୁରୀୟସ୍ କାର୍ କିଣିପାରିବେ। କାରଣ ୧.୩୮ ମିଲିୟନ ଡଲାରର ଏହି ଟଏଲେଟ ପେପର୍ ୨୨ କ୍ୟାରେଟ୍ ସୁନାରେ ତିଆରି। ତେଣୁ ଏହାକୁ କ'ଣ କେହି ଟଏଲେଟ୍‌ରେ ବ୍ୟବହାର କରିବେ? ଏହା କେବଳ ସଂଗ୍ରହାଳୟରେ ରହିବା ପାଇଁ ଯୋଗ୍ୟ। ଏକ ବୋତଲ ସାମ୍ପେନ ସହ ଏହାକୁ ଡେଲିଭର୍ କରାଯାଇଥାଏ ।


**ଛତା:** ଗୁସି ଆଣ୍ଡ ଆଡିଡାସ୍‌ର ଏହି ଛତାର ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହା ବର୍ଷାରୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ।

**ମାକ୍‌କ୍ୟୁମସ୍ ମିନି ବ୍ୟାଗ୍:** ଦୂରରୁ ଆଖିକୁ ଦେଖାଯାଉ ନ ଥିବା ମାକ୍‌କ୍ୟୁମସ୍ କମ୍ପାନୀର ଏଇ କୁନି କୁନି ବ୍ୟାଗ୍‌ରେ କୌଣସି ଜିନିଷ ରଖିହେବ ନାହିଁ। ହେଲେ ଏହାର ମୂଲ୍ୟ ହେଉଛି ୬୦,୦୦୦ ଟଙ୍କା।

**ଲକ୍‌ଜ୍ୟୁରୀ ଆଇସ୍‌କ୍ୟୁବ୍:** କାଲିଫର୍ନିଆର ଗ୍ଲେସ୍ ଲକ୍‌ଜ୍ୟୁରୀ ଆଇସ୍ କୋ. ପ୍ରସ୍ତୁତ କରିଛି ଏକ ସ୍ୱତନ୍ତ୍ର ଧରଣର ଆଇସ୍ କ୍ୟୁବ, ଯାହାର ଏକ ପ୍ୟାକେଟ୍‌ର ମୂଲ୍ୟ ୩୨୫ ଡଲାର। ପ୍ୟାକେଟ୍‌ରେ ୫୦ଟି ଆଇସ୍ କ୍ୟୁବ ରହିଥାଏ। ଫଳରେ ଗୋଟିଏ କ୍ୟୁବ୍‌ର ମୂଲ୍ୟ ୬.୫ ଡଲାର ହୁଏ। ସମ୍ପୂର୍ଣ୍ଣ ବର୍ଗାକାର ଏହି ଆଇସ୍‌କ୍ୟୁବ୍ ଜଳରେ କମ୍ ଦ୍ରବୀଭୂତ ହୋଇଥାଏ କିନ୍ତୁ ଅଧିକ ଥଣ୍ଡା ପ୍ରଦାନ କରିଥାଏ। ସ୍ୱାଦହୀନ ଏହି ଆଇସ୍ କ୍ୟୁବ୍‌କୁ ଏତେ ଦାମରେ କିଏ ବା କାହିଁକି କିଣିବ।

**ହୀରା କଣ୍ଟାକ୍ଟ ଲେନ୍ସ:** ଅନେକ ଯୁବତୀ ଆଖିର ଲୁକ୍ ବଦଳାଇବା ପାଇଁ ବିଭିନ୍ନ ପ୍ରକାର ରଙ୍ଗର କଣ୍ଟାକ୍ଟ ଲେନ୍ସ ଲଗାନ୍ତି। ଯାହାକି ଏବେକାର ଫ୍ୟାଶନ ଟ୍ରେଣ୍ଡ ପାଲଟିଗଲାଣି। ହେଲେ ଏଠି ଯେଉଁ କଣ୍ଟାକ୍ଟ ଲେନ୍ସ କଥା କୁହାଯାଉଛି ସେଥିରେ ୧୮ଟି ହୀରା ଲାଗିଛି। ଫଳରେ ଏହାର ମୂଲ୍ୟ ବେଶ୍ ଅଧିକ। ୧୫୦୦୦ ଡଲାରର ଏହି ଲେନ୍ସକୁ ଲଗାଇଲେ କିନ୍ତୁ ଏକ ଭୟାନକ ଲୁକ୍ ମିଳେ। ଲାଗେ ସତେ ଯେମିତି ଭୂତ ଆଖି ଚକ୍‌ମକ୍ କରୁଛି।

**ରୁବି ଓ ହୀରା ଖଚିତ ପେନ୍:** ପେନ୍ ହଜିବା ଏକ ସାଧାରଣ କଥା। ଅନେକଙ୍କ କ୍ଷେତ୍ରରେ ଏହା ଘଟିଥାଏ। ହେଲେ ଏହି ପେନ୍‌କୁ ତ କିଣିବା ଅସମ୍ଭବ। ଆଉ ହଜିଗଲେ ତ ପ୍ରାଣ ଚାଲିଗଲା ପରି ଲାଗିବ। କାରଣ ରୁବି ଓ ହୀରା ଖଚିତ ଏହି ପେନ୍‌ର ମୂଲ୍ୟ ୫୯୫,୦୦୦ ଡଲାର।







# ମଡେଲ୍ ମିରର୍



ଚନ୍ଦ୍ରିକା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ,
ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଟଏଲେଟ୍

ଟିଣ୍ଟୁ କ୍ଲାସ୍‌ରେ ବୋର୍ ହେଇ ଶିକ୍ଷୟିତ୍ରୀଙ୍କୁ: ମେ ଆଇ ଗୋ ଟୁ ଟଏଲେଟ୍?
ଶିକ୍ଷୟିତ୍ରୀ: ୟେସ୍।
ଅନେକ ସମୟ ପରେ ବି ଟିଣ୍ଟୁ କ୍ଲାସ୍‌କୁ ନ ଫେରିବାରୁ ଶିକ୍ଷୟିତ୍ରୀ ଟଏଲେଟ୍ ଚେକ୍ କରିବାକୁ ଯାଇ ଦେଖିଲେ ଟିଣ୍ଟୁ ସେଠି ନ ଥିଲା। ପରଦିନ ଟିଣ୍ଟୁ ସ୍କୁଲ ଆସିବା ପରେ ଶିକ୍ଷୟିତ୍ରୀ: କାଲି ଟଏଲେଟ୍ କହି କୁଆଡ଼େ ପଳେଇଲୁ?
ଟିଣ୍ଟୁ: ଟଏଲେଟ୍ ହିଁ ଯାଇଥିଲି।
ଶିକ୍ଷୟିତ୍ରୀ: ମିଛ କହୁଛୁ? ମୁଁ ନିଜେ ଟଏଲେଟ୍ ଚେକ୍ କରିଥିଲି। ତୁ ସେଠି ନ ଥିଲୁ।
ଟିଣ୍ଟୁ: ମ୍ୟାମ୍, ମୁଁ ତ ପରମିସନ୍ ନେଇ 'ଟଏଲେଟ୍' ଫିଲ୍ମ ଦେଖିବାକୁ ଯାଇଥିଲି।

### ଫାଇଦା

ସ୍ୱାମୀ ସ୍ତ୍ରୀକୁ: ତମକୁ ବାହାହେଇ ମୋର ଗୋଟେ ଫାଇଦା ହେଇଛି।
ସ୍ତ୍ରୀ: କ'ଣ?
ସ୍ୱାମୀ: ମତେ ମୋ' କଲା କର୍ମର ଫଳ ଏଇ ଜନ୍ମରେ ମିଳିଗଲା।

### ଖାଇନି

ଭିକାରୀ: ଦୟା କର ବାବୁ ଦୁଇ ଦିନ ହେଲା କିଛି ଖାଇନି।
ବ୍ୟକ୍ତି ୫୦୦ ଟଙ୍କିଆ ନୋଟ୍ ବାହାର କରି: ମୋ ପାଖରେ ଚେଞ୍ଜ ନାହିଁ। ୩୦୦ ଟଙ୍କାର ଚେଞ୍ଜ ହେବ କି? ୨୦୦ ଟଙ୍କା ଦେବି।
ଭିକାରୀ ଖୁସି ହୋଇ: ହଁ, ଅଛି ବାବୁ।
ବ୍ୟକ୍ତି: ଠିକ୍ ଅଛି, ତା'ହେଲେ ତମେ ସେଇ ୩୦୦ ଟଙ୍କାରେ ଆଗ କିଛି ଖାଇଦିଅ।



# ଉଟୋର୍ଡା ବିଚ୍

## ପରିଷ୍କାର ଯେମିତି ଆକର୍ଷଣୀୟ ସେମିତି



**ଦକ୍ଷିଣ ଗୋଆର ଏକ ସୁନ୍ଦର ବେଳାଭୂମି ହେଉଛି ଉଟୋର୍ଡା ବିଚ୍। କୋଳାହଳମୟ ପରିବେଶରୁ ଦୂରରେ ଥିବା ଏହି ସ୍ଥାନରେ ଟିକେ ଶାନ୍ତିରେ ସମୟ ବିତାଇବା ପାଇଁ ପର୍ଯ୍ୟଟକଙ୍କର ବହୁ ଇଚ୍ଛା ଥାଏ। ସେଥିପାଇଁ ଅକ୍ଟୋବରରୁ ଫେବୃୟାରୀ ମାସ ଭିତରେ ଏଠାକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳେ...**

ବେଳାଭୂମିରେ ବସି ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରିବାକୁ କାହାକୁ ବା ଭଲ ନ ଲାଗେ। ସେଥିପାଇଁ ତ କାମରୁ ଛୁଟି ମିଳିଲେ ଅନେକେ କେଉଁ ଏକ ବେଳାଭୂମିକୁ କିଛିଦିନ ପାଇଁ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣ ବି ସେମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଦକ୍ଷିଣ ଗୋଆରେ ଥିବା ଉଟୋର୍ଡା ବିଚ୍ ବା ବେଳାଭୂମି ଆପଣଙ୍କ ପାଇଁ ଏକ ବେଷ୍ଟ ଡେଷ୍ଟିନେଶନ ହେବ। କାରଣ ଏହି ବେଳାଭୂମିର ପରିବେଶ ଆକର୍ଷଣୀୟ ହେବାସହ ବେଶ୍ ପରିଷ୍କାର,ପରିଚ୍ଛନ୍ନ ମଧ୍ୟ। ଏହାଛଡ଼ା ପର୍ଯ୍ୟଟକଙ୍କୁ ଆନନ୍ଦ ଦେବା ପାଇଁ ଏଠାରେ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଧ୍ୟ ସୁବିଧା ଯୋଗାଇ ଦିଆଯାଇଥାଏ। ଖାସ୍ ସେଥିପାଇଁ ତ ଟୁରିଷ୍ଟ ସିଜନ୍ ଆସିଗଲେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ବଢ଼ିବାକୁ ଲାଗେ।

### ବିଚ୍‌ରେ ଜଳକ୍ରୀଡ଼ାର ଆନନ୍ଦ

ଉଟୋର୍ଡା ବିଚ୍‌ରେ ପର୍ଯ୍ୟଟକ ଚାହିଁଲେ ଡଲ୍‌ଫିନ୍ ବୋଟ୍ ଟ୍ରିପ୍, ୱାଟର୍ ସ୍କିଂ, ୱିଣ୍ଡ ସର୍ଫିଙ୍ଗ୍ ଭଳି ଆନନ୍ଦଦାୟକ ଜଳକ୍ରୀଡ଼ାର ଭରପୂର ମଜା ନେଇପାରିବେ। ଏଥିସହିତ ଉକ୍ତ ବେଳାଭୂମିରେ ସାଇକ୍ଲିଂ କରିବାର ନିଆରା ଅନୁଭୂତି ବି ପାଇପାରିବେ। ଫିଶିଂ ପାଇଁ ଏଠି ଯଥେଷ୍ଟ ସୁବିଧା ରହିଛି। ତା'ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ଦେହ ଓ ମନକୁ ଫୁର୍ତ୍ତି କରିବା ପାଇଁ ବିଭିନ୍ନ ପ୍ରକାର ସ୍ପା'ର ବ୍ୟବସ୍ଥା ବି ଅଛି।





### ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ଉଟୋର୍ଡା ବେଳାଭୂମିରେ ବୁଲିବା ସହ ପର୍ଯ୍ୟଟକ ଚାହିଁଲେ ନିକଟରେ ଥିବା କିଛି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ବୁଲି ଦେଖିପାରିବେ। ଯେମିତିକି–

* **ମଜୋର୍ଡା ବିଚ୍:** ଉଟୋର୍ଡା ବିଚ୍‌ଠାରୁ ମାତ୍ର ଅଳ୍ପ କିଛି କି.ମି. ଦୂରରେ ରହିଛି ଏହି ବିଚ୍। ଏହା ମଧ୍ୟ ଏକ ଆକର୍ଷଣୀୟ ବେଳାଭୂମି। ବିଶେଷକରି ଲଭର୍ସ ତଥା ଦମ୍ପତିମାନଙ୍କ ଗହଣରେ ଏହି ବିଚ୍‌ର ବେଶ୍ ଲୋକପ୍ରିୟତା ରହିଛି।
* **କୋଲଭା ବିଚ୍:** ଦକ୍ଷିଣ ଗୋଆର ଏହା ଏକ ସୁନ୍ଦର ବେଳାଭୂମି। ଉଟୋର୍ଡା ବିଚ୍‌ଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଏହି ବେଳାଭୂମି। ପର୍ଯ୍ୟଟକ ଏଠାରେ ବି ଜଳକ୍ରୀଡ଼ାର ମଜା ନେବା ସହ ସି-ଫୁଡ୍ ଖାଇବାର ଅପୂର୍ବ ଆନନ୍ଦ ପାଇ ପାରିବେ।
* **ଥ୍ରୀ କିଙ୍ଗ୍ସ ଚାପେଲ୍:** ଏହା ହେଉଛି ଏକ ଚର୍ଚ୍ଚ। ଏହି ଚର୍ଚ୍ଚ ସହିତ ଅନେକ ଐତିହାସିକ କଥାର ସମ୍ପର୍କ ରହିଛି। ପର୍ଯ୍ୟଟକ ଏଠାକୁ ବୁଲିଯାଇ ସେସବୁକୁ ଜାଣିବାର ସୁଯୋଗ ପାଇପାରିବେ।
* **ନାଭାଲ୍ ଆଭିଏଶନ ମ୍ୟୁଜିୟମ:** ଉଟୋର୍ଡା ବିଚ୍ ନିକଟରେ ଥିବା ଏହି ମ୍ୟୁଜିୟମ୍ ଆଡ଼େ ମଧ୍ୟ ପର୍ଯ୍ୟଟକ ଚାହିଁଲେ ବୁଲିଯାଇପାରିବେ। ନାଭାଲ୍ ସମ୍ପର୍କିତ ଅନେକ ତଥ୍ୟ ଜାଣିବାର ସୁଯୋଗ ଏଠି ରହିଛି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ଅକ୍ଟୋବରରୁ ଫେବୃୟାରୀ ହେଉଛି ଏଠାକୁ ବୁଲିଯିବାର ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଗୋଆରେ ଟୁରିଷ୍ଟ ସିଜନ୍ ଆରମ୍ଭ ହୋଇଥାଏ। ତା'ଛଡ଼ା ଏହି ସମୟ ଭିତରେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ସମ୍ପୂର୍ଣ୍ଣ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ଭଲ ସୁବିଧା ରହିଛି। ନିଜ ବଜେଟକୁ ଦେଖି ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ବିଚ୍‌ରେ ପହଞ୍ଚିପାରିବେ।





# ସେଓ





**'ଆନ୍ ଆପଲ୍ ଏ ଡେ' କିପ୍ସ ଦ ଡକ୍ଟର ଆୱେ', ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କର ଏହି ମତରୁ ହିଁ ଜଣାପଡ଼େ ସେଓ କେତେ ଉପକାରୀ। ତେବେ ଜାଣନ୍ତିକି ଏଇ ସ୍ୱାସ୍ଥ୍ୟପ୍ରଦ ଫଳଟିର ଇତିହାସ କ'ଣ ଓ ପ୍ରଥମେ କେଉଁଠି ଏହା ଦେଖିବାକୁ ମିଳିଥିଲା? ଜାଣନ୍ତୁ ସେଓ ସମ୍ପର୍କରେ କିଛି ଜଣା ଅଜଣା କଥା..**

**ସେଓର ଉତ୍ପତ୍ତିସ୍ଥଳ:** କିଛି ବିଶେଷଜ୍ଞଙ୍କ ମତରେ ପୃଥିବୀରେ ମଣିଷ ଆସିବା ସହ ସେଓ ବି ଆସିଥାଇପାରେ। ତେବେ କିଛି ପ୍ରତ୍ନତତ୍ତ୍ୱବିତ ପ୍ରମାଣ ପାଇଛନ୍ତି ଯେ, ଖ୍ରୀ.ପୂ. ୬୫୦୦୦ଠାରୁ ଲୋକେ ସେଓ ଖାଉଛନ୍ତି। ପ୍ରସ୍ତର ଓ ଲୌହଯୁଗରେ ବି ଏହା ସମ୍ପର୍କରେ ତଥ୍ୟ ମିଳିଛି। ଏହାବାଦ କିଛି ତଥ୍ୟ ଏହା ମଧ୍ୟ କହେ ଯେ, ମଧ୍ୟ ଏସିଆରେ ପ୍ରଥମେ ଏହା ଦେଖିବାକୁ ମିଳିଥିଲା। ସେଠାରୁ ଏହା ପୃଥିବୀର ଅନ୍ୟ ଭାଗକୁ ଯାଇଛି। ଏସିଆ ଓ ୟୁରୋପରେ ଏହା ପ୍ରଚୁର ମାତ୍ରାରେ ଉତ୍ପାଦନ ହେଉଥିବା ଏହି କଥାକୁ ପ୍ରମାଣିତ କରେ। କେତେଜଣ ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ଚାରୋଟି ସ୍ଥାନ ସେଓର ଉତ୍ପତ୍ତି ସ୍ଥଳ ହୋଇପାରେ। ସେ ହେଉଛି ଫର୍ଟାଇଲ କ୍ରିସେଣ୍ଟ(ଇସ୍ରାଏଲ, ଜୋର୍ଡନ, ସିରିଆ,ଇରାକ), ମିଡିଲ ଇଷ୍ଟ ସେଣ୍ଟର(ଇରାନ, ତୁର୍କମେନିସ୍ତାନ), ସେଣ୍ଟ୍ରାଲ ଏସିଆଟିକ ସେଣ୍ଟର(କାଜାଖସ୍ତାନ, ଉଜ୍‌ବେକିସ୍ତାନ, ଭାରତ) ଓ ଚାଇନା ଏବଂ ଦକ୍ଷିଣ ପୂର୍ବ ଏସିଆ(ଚାଇନା, ଥାଇଲାଣ୍ଡ, ଭିଏତ୍‌ନାମ, କୋରିଆ) ଆଦି।

**ସର୍ବାଧିକ ଉତ୍ପାଦନ:** ସାରା ପୃଥିବୀରେ ୭,୫୦୦ ପ୍ରକାରର ସେଓ ଦେଖିବାକୁ ମିଳେ। ଯେଉଁଥିରୁ ୨୫୦୦ ପ୍ରକାର କେବଳ ଆମେରିକାରେ ଉତ୍ପାଦିତ ହୋଇଥାଏ। ଚାଇନା, ଆମେରିକା, ତୁର୍କୀ, ପୋଲାଣ୍ଡ ଏବଂ ଇଟାଲୀରେ ସର୍ବାଧିକ ସେଓ ଉତ୍ପାଦିତ ହୁଏ। ହେଲେ ସାରା ପୃଥିବୀର ସେଓ ଉତ୍ପାଦନର ଅଧା ଉତ୍ପାଦନ ଚାଇନାରେ ହୋଇଥାଏ।

**ଚମତ୍କାରୀ ଫଳ:** ସେଓ ଫ୍ୟାଟ୍ ଫ୍ରି, ସୋଡିୟମ ଫ୍ରି, କୋଲେଷ୍ଟେରଲ ଫ୍ରି ହେବା ସହ ଫାଇବରରେ ଭରପୂର। ସେଓ ହେଉଛି ଏମିତି ଏକ ଫଳ ଯେଉଁଥିରେ ୨୫ ପ୍ରତିଶତ ବାୟୁ ମହଜୁଦ ଥାଏ। ସେଥିପାଇଁ ଦେଖାଯାଏ ସେଓ ପାଣିରେ ବୁଡି ନ ଥାଏ। ଏଥିରେ ଏଥିଲିନ୍ ଗ୍ୟାସ୍ ବି ତିଆରି ହୋଇଥାଏ। ଫଳରେ ଏହା ଆପେ ଆପେ ପାଚିବା ସହ ପାଖରେ ଥିବା ଅନ୍ୟ ଫଳକୁ ବି ପାଚିବାରେ ସାହାଯ୍ୟ କରିଥାଏ। ଏଭଳି ବିଶେଷତା ଅନ୍ୟ କୌଣସି ଫଳରେ ନାହିଁ।


**ବିଜ୍ଞାନରେ ସେଓ:** ବିଜ୍ଞାନରେ ବି ସେଓର ସ୍ଥାନ ସ୍ୱତନ୍ତ୍ର। ବିଶ୍ୱାସ କରାଯାଏ ବୈଜ୍ଞାନିକ ନ୍ୟୁଟନଙ୍କ ମୁଣ୍ଡ ଉପରେ ସେଓ ପଡ଼ିବା ପରେ ସେ ମାଧ୍ୟାକର୍ଷଣ ବଳର ନିୟମ ତଥା ନ୍ୟୁଟନ୍‌ସ ଲ' ଆବିଷ୍କାର କରିଥିଲେ।

**ପୌରାଣିକ କଥାବସ୍ତୁରେ ସେଓ:** ହିନ୍ଦୁଧର୍ମରେ ସେଓ ସମ୍ପର୍କରେ ସେପରି କିଛି ତଥ୍ୟ ନ ଥିଲେ ହେଁ କୁହାଯାଏ ପୃଥିବୀରେ ଜନ୍ମ ହୋଇଥିବା ପ୍ରଥମ ମଣିଷ ଆଦାମ୍ ଓ ଇଭ୍ ଯେଉଁ ଜ୍ଞାନର ଫଳ ଖାଇଥିଲେ ତାହା ସେଓ ଥିଲା। ଆଉ ଗ୍ରୀକ୍ ପୌରାଣିକ କଥାବସ୍ତୁରେ ତ ସେଓକୁ ସୁନ୍ଦରତା ଓ ପ୍ରେମର ପ୍ରତୀକଭାବରେ ଦର୍ଶାଯାଇଛି।





# ଲମ୍ବା ଶିଙ୍ଗ ଥିବା ବୁଢିଆଣୀ





ବୁଢିଆଣୀ ତ ସମସ୍ତେ ଦେଖିଥିବେ। ଘରେ ଘରେ ବୁଢିଆଣୀ ଜାଲ କରି ରହିଥାଏ। ଛୋଟ ବୁଢିଆଣୀ ତ କ୍ଷତିକାରକ ହୋଇ ନ ଥାନ୍ତି। କିନ୍ତୁ କିଛି ବଡ ବୁଢିଆଣି ବିଷାକ୍ତ ହୋଇଥାନ୍ତି। ସେମିତି ଏକ ବୁଢିଆଣୀ ହେଉଛି 'ମୈକ୍ରାକୈନ୍ଥା ଆର୍କୁଆଟା'। ଏଇ ବୁଢିଆଣୀ ଦେଖିବାକୁ ବେଶ୍ ଅଜବ। ଏହାର ବଡ ବଡ ଦୁଇଟି ଶିଙ୍ଗ ଅଛି। ଆଉ ଦେଖିବାକୁ ବେଶ୍ ଭୟଙ୍କର ଲାଗେ। ମନେହୁଏ ଏହା ବିଷାକ୍ତ। ହେଲେ ଏହା ବିଷାକ୍ତ ନୁହେଁ କି ମଣିଷ ପାଇଁ କ୍ଷତିକାରକ ବି ନୁହନ୍ତି। ଉଭୟ ମାଈ ଓ ପୁରୁଷ ବୁଢିଆଣୀର ଶରୀର ସଂରଚନା ଏକାପ୍ରକାରର ହୋଇଥାଏ। ଏମାନଙ୍କ ମେରୁଦଣ୍ଡ ହାଡ ପେଟର ତଳ ଭାଗରେ ଥାଏ। ଏମାନଙ୍କ ମେରୁଦଣ୍ଡ ହାଡ ଗୋଟିଏ ନୁହେଁ ବରଂ ୩ ଯୋଡା ଅର୍ଥାତ୍ ୬ଟି ଥାଏ। ମଝିର ହାଡ ହିଁ ସିଙ୍ଗ ପରି ଦେଖାଯାଇଥାଏ। ଏହା ବୁଢିଆଣୀଠାରୁ ୩ ଗୁଣା ଅଧିକ ବଡ଼ ହୋଇଥାଏ। ବୁଢିଆଣୀ ଉପରେ ସେଲ୍ ପରି ଶକ୍ତ ଅଂଶ ଥାଏ। ଯାହାର ରଙ୍ଗ ହଳଦିଆ, ଲାଲ, ଧଳା ଓ କଳା ହୋଇଥାଏ। ଏହା ଚାଇନା ଓ ଆମ ଦେଶର କିଛି ଜଙ୍ଗଲରେ ବି ଦେଖାଯାଆନ୍ତି। ଏହି ଶିଙ୍ଗ ଯୋଗୁ ଚଢେଇ, ଝିଟିପିଟି ତାଙ୍କୁ ଖାଇପାରନ୍ତି ନାହିଁ। ଏହା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ।

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

# କଳିରେ କଳିରେ କୋଳାକୋଳି



**ଆଃ** ! କାହିଁ ପଲ୍ଲୀ, କାହିଁ ପୁରୀ ! ଭାଗ୍ୟରେ ଥିଲେ ଏଇଠିକି ମଣିଷ ଆସନ୍ତି । ଏକଥା ଖାଲି ମୁଁ କହୁନି , ସମସ୍ତେ କହନ୍ତି । ସଜନୀ ମାଉସୀ ସଙ୍ଗେ ଚମ୍ପା ମାଉସୀ ଏମିତି କଥା ହେଉଛନ୍ତି । ଦିହେଁ ପାଖାପାଖି ଗାଁର । କେତେଦିନ ପରେ ପୁରୀରେ ହବିଷ କରିବାକୁ ଆସି ବଡ଼ଦାଣ୍ଡରେ ଭେଟ ହୋଇଛନ୍ତି । ସଜନୀ ସାନ, ଚମ୍ପା ବଡ଼ । ପୁରୀରେ ପହିଲି ଦେଖାରେ ସଜନୀ ମାଉସୀ ନାନୀ ବୋଲି ଡାକି ଢେର୍ ଲୋକଙ୍କ ଆଗରେ ମୁଣ୍ଡିଆ ମାରିବାରୁ ଚମ୍ପା ମାଉସୀ ଛାତି କୁଣ୍ଢେମୋଟ ହୋଇଗଲା । ତାକୁ କୁଣ୍ଢେଇ ଗଳାରେ ଲଗେଇ ଗେଲକରି କେତେ ଭଲମନ୍ଦ କଥା ପଚାରିଗଲେ । ସଜନୀ ମାଉସୀ ଭାରି ଗରିବ । ଚମ୍ପା ମାଉସୀ ଥିଲାବାଲା । ତିନି ତିନିଟା ରୋଜଗାରିଆ ପୁଅ । ବଡ଼ ଜମିବାଡ଼ି ଖବର ବୁଝେ । ମଝିଆ ରାଜନୀତି ସାଙ୍ଗେ କଣ୍ଟ୍ରାକ୍ଟରି କରେ । ସାନପୁଅ ଦିଲ୍ଲୀରେ ବଡ଼ ଚାକିରିକରି ଲକ୍ଷେରୁ ବେଶି ଟଙ୍କା ମାସକୁ ପଠାଏ । ହେଲେ ସଜନୀ, ଗିରସ୍ତ ମଲାକାଲୁ ଭାରି ଦୁଃଖୀ । ଝିଅ ଜ୍ୱାଇଁଙ୍କ ହାତଟେକା ଦାନରେ ଗାଁରେ ରହି ଦୁଃଖେ ସୁଖେ ଚଳେ ।

ଚମ୍ପା ମାଉସୀ ପଚାରିଲା.. ''ହାଇଲୋ ସଜନୀ ! ତୁ କେମିତି କାହା ସାଙ୍ଗେ ପୁରୀ ଅଇଲୁ ? କୋଉଠି ରହୁଛୁ ? ତତେ ସରକାର ଆଣିଲେ ନା ନିଜେ ଆସିଛୁ ?''

– ନାଇଲୋ ନାନୀ । ମୋ କପାଳ ତ ଫଟା । ସରକାର କାହାକୁ କେମିତି ଆଣି କୋଉଠି ରଖୁଛନ୍ତି.. ସେ କଥା ମୁଁ ଜାଣିନି । ଗଲା କରୋନା କାଳ ଦି'ବରଷ ଛାଡ଼ିଦେଲେ, ବାକି ଫି ବରଷ ଗିରସ୍ତ ମଲା ପରଠୁ ଜ୍ୱାଇଁ ଟଙ୍କା ହଜାରେ ଦିଅନ୍ତି । ପୁତୁରା ଆଣି ଗୋଟେ ମଠରେ ଛାଡ଼ିଦିଏ । ସେଇଠି ରହେ । ଏ ସାଲେ ମଠ ଭଙ୍ଗା ହେଇଯାଇଥିବାରୁ ଜଣଙ୍କର ବଖୁରେ ଘରକୁ ଭଡ଼ାରେ ନେଇ ରହୁଛି । ହେଲେ ଶାନ୍ତି ଲାଗୁନି । ସଫାସୁତୁରା କିଛି ନାହିଁ । ଖାଲି ମୂତୁରା ମୂତୁରା ଗନ୍ଧାଉଛି । କ'ଣ ଆଉ କରିବି ? ସଉପ ଖଣ୍ଡେ ପକେଇ ରାତିରେ ଗଡିପଡୁଛି । ଅଭଡ଼ା କିଣିକି ଖାଉଛି । ବୁଲି ବୁଲି ଠାକୁର ଦରଶନ, ପୁରାଣ ପଢ଼ା ଶୁଣି ଦିନ ବିତାଉଛି ।

-- ଏଁ.. ? ଆଲୋ ସଜନୀ ! ତୁ ଏଡ଼େ ଦୁଃଖରେ ଅଛୁ ? ହେଲେ ମୋ ଭାଗ୍ୟ ଭଲ । ମୋ ମଝିଆପୁଅ ସନା ଭାରି ଚତୁର । ସିଏ ରାଜନୀତିକରି ସବୁଲୋକଙ୍କୁ ଚିହ୍ନିଚି । ମୋ ନାଁ ସରକାରୀ ଖାତାରେ ଲେଖେଇ ମତେ ତା' କାର୍‌ରେ ଆଣି ଭକତନିବାସରେ ରଖେଇ ମାଗଣା ଅଭଡ଼ାଖିଆଠୁ ଦେହ ପା' ଯତନର ସବୁ ବ୍ୟବସ୍ଥା କରିଦେଇଛି । କ'ଣ କହିବି ସଜନୀ.. ସେ ଘର ତ ନୁହଁ ଯେମିତି ରାଜଉଆସ । ମୁଁ ଭାରି ଖୁସିରେ ଅଛି ।

-- ଆଲୋ ନାନୀ ! ତୋର କୋଉଥିରେ ତ ଅଭାବ ନାହିଁ । ସରକାର ପରା କୁଆଡେ ଆମ ପରି ଗରିବ ଗୁରୁବାଙ୍କ ପାଇଁ ଏଇସବୁ ମାଗଣା ଯୋଜନା.. ମାଗଣା ହବିଷ ବ୍ୟବସ୍ଥା କରିଛନ୍ତି ! ହେଲେ ତମ ଭଳିଆ ସବୁଥାଇ ଧନୀହେଇ ଯେବେ ସବୁ ସୁବିଧା ହାତେଇନେବ.. ତେବେ ଆମ ଭଳିଆ ମଳିମୁଣ୍ଡିଆ ହଇରାଣ ହରକତ ହେବେ କି ନାହିଁ କହିଲ ?

କଥାଟା ସାଇଁକିନା ଶରବାଗିଆ ଯେମିତି ଚମ୍ପା ମାଉସୀ ଛାତିରେ ପଶିଗଲା । ରାଗ ତମତମ ହେଇ ଚିହିଁକିଉଠି କହିଲା... ହାଇଲୋ ହେ ଦରିଦ୍ରିଆଣୀ ! ପତର ଗୋଟେଇ ଛତରଖାଇ ! ତୋ ଦିହ କାହିଁ ସହୁନି ଲୋ ? ଆମ ସରକାର ଆମ ପାଇଁ ସୁବିଧା କରିଛନ୍ତି । ମୋ ପୁଅ ଦଳ ପାଇଁ ବଳ ଖଟେଇ କାମକରୁଛି । ଆଉ ଆମକୁ ସୁବିଧା ନ ମିଳି ତମକୁ କିଆଁ ମିଳିବ ଲୋ ? ଚିହ୍ନିଚୁ ମତେ ! ବେଶି ରଗାନା କି ମୋ ଦେହ ଜଳାନା କହିଦଉଛି । ନଇଲେ ମୋ ପୁଅକୁ କହି ତୋ ବିଧବା ଭତ୍ତା ବନ୍ଦ କରିଦେବି । ତୋ ରାଶନ କାର୍ଡ ଅଚଳ କରିଦେବି । ତତେ ବଡ଼ଦାଣ୍ଡରେ ବସେଇଦେବି । ଆ... ରେ... ! ମତେ ନାନୀ ବୋଲି ଡାକି ସୁତୁରେଇ ସୁତୁରେଇ କାନିକାଟି ମୋ ନାକ କାନ କାଟିବାକୁ ବସିଲୁଣି ତ ? ମର । ସେଇ ପୁତୁରା ଆଣି ଛାଡ଼ିଥିବା ମୂତୁରା ଜାଗାରେ ପଡ଼ି ପଡ଼ି ମର ।

ସଜନୀ ବି ଛାଡ଼ିବାର ନୁହଁ । ଲାଗିଗଲେ ବଡ଼ଦାଣ୍ଡରେ ଝଟାପଟା କଳିକଜିଆ । କହିଲା.. କହିଛି ଆଛା କରିଛି । ଆହୁରି କହିବି । ଛାତିରେ ହାତବାଡେଇ ଦାଣ୍ଡମଝିରେ ଗର୍ଜନକରି ସମସ୍ତଙ୍କୁ ଶୁଣେଇ କହିବି । ତୋ ଇଜ୍ଜତ ମହତ ସାରି କହିବି । ତମେ ଆମକୁ ଲୁଟୁଛ । ତମରି ପାଇଁ ଆମେ ଗରିବଗୁରୁବା ମରୁଛୁ ।

--ହେ ହେ ସଜନୀ ! ଆଲୋ ଶୁଣୁ ବା । ଏକା ଗାଁ ପାଖରୁ ଆସିଛେ । ଏଇଠି ଆଉ ଏତେ ଲୋକଙ୍କ ଆଗରେ ଏମିତି ଲୋକହସା କର ନା । ଯଦି ସେମିତି କହୁଛୁ.. ଦେଖିବୁ ଏଇନେ.. ମୋ ପୁଅ ସନିଆକୁ ଫୋନ୍ କରିବି ? ଘଡ଼ିଏ ଲାଗିବନି ତୋ ରାଶନ କାର୍ଡ, ବିଧବାଭତ୍ତା କାଟିବାକୁ । ଫୋନ୍ କାଢୁ କାଢୁ ସଜନୀ ହାତ ଧରି ନରମେଇ କହିଲା... ''ଆଲୋ ନାନୀ ! ଆମେ ପରା ଶିରୀକ୍ଷେତର ଆଇଛେ । କ'ଣ ଧରମ କରିବାକୁ ନା କଳିକଜିଆ କରି ପାପ ଅରଜିବାକୁ ? ଆଲୋ ଆମ ହାତରେ ପରା ତୁଳସୀମାଳ, ମଥାରେ ଚିତା, କଥାରେ କୃଷ୍ଣନାମ, ଚିତ୍ତରେ ପ୍ରଭୁଙ୍କୁ ଚିନ୍ତିବା କଥା । ଛି ଛି ମୁଁ ଅଲକ୍ଷଣୀ କ'ଣ କଲି ? ସବୁ ଭୁଲିଯାଉଥିଲି । ହେଇଟି.. ତମେ ପରା ମୋ ବଡ଼ନାନୀ । ମତେ ଗାଳି ନ କରି ଟିକେ ଆକଟକରି ଅଟକେଇଦେଇଥିଲେ କ'ଣ ହେଇ ନ ଥାନ୍ତା ?'' ହଉ ଛାଡ଼ ସେକଥା ।

ଚମ୍ପା ମାଉସୀ କହିଲା.. ''ହାଇଲୋ ସଜନୀ ! ତୁ କ'ଣ ମୋ କଥା ଜାଣିନୁ ? ମୁଁ କୋଉଦିନ ମାଛିକି ମ ବୋଲି କହେ ନା କାହା ଅମଙ୍ଗଳ ପଞ୍ଚେ ? ତତେ କ'ଣ ମୁଁ ପାଟି ଫିଟେଇ କିଛି କହିଛି ?''

--ନାଇଁ ବା ନାନୀ, ତମ ପେଟରେ କ'ଣ କିଛି ଥାଏ ? ଖାଲି ପାଟିଟା ଯାହା ରାଉ ରାଉ ହଉଥାଏ ।'' ଆଲୋ ହେ.. କଥାରେ କଥାରେ ବେଳ ବୁଡ଼ିଲାଣି । ଚାଲ ବା ମିଶିକି ଦେଉଳ ଯିବା । ଏକାଠି ପୁରାଣ ଶୁଣିବା ।

ମନ୍ଦିରକୁ ପଶିଲାବେଳେ ସଜନୀ ମାଉସୀ ଚମ୍ପା ମାଉସୀର ଚମ୍ପାରଙ୍ଗର ପାଟଶାଢ଼ି କି ଅନେଇଁ ଅନେଇଁ ମନେ ମନେ କହୁଥାଏ.. ''ତୁ ମରୁନୁ ଲୋ ବାଡ଼ିଖାଇ । ଆମ ପାଇଁ ସରକାରୀ ସୁବିଧାରେ ଭାଗ ବସଉଛୁ... ସବୁ ଥାଇ ମାଗଣା ହବିଷକରି ଅଭଡ଼ା ଗିଳିବାକୁ ଧାଇଁଆଇଛୁ... ।''


*–ମଙ୍ଗରାଜ ପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଗଜପତି ଶ୍ରୀ କୃପାମୟ ଅନଙ୍ଗଭୀମ ଦେବ

**ପ୍ରକାଶକ–କଳିଙ୍ଗ ସାହିତ୍ୟ ସମାଜ**
**ଉତ୍କଳ ଆଶ୍ରମ, ବ୍ରହ୍ମପୁର । ମୂଲ୍ୟ–ନିଶୁଳ୍କ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଓଡ଼ିଶାର ଯେଉଁ କେତେଜଣ ରାଜା ମହାରାଜା ଆଜୀବନ ବ୍ରତୀ ଥିଲେ ସେମାନଙ୍କ ମଧ୍ୟରେ ବଡଖେମୁଣ୍ଡି ରାଜା ଶ୍ରୀ କୃପାମୟ ଅନଙ୍ଗ ଭୀମଦେବ ଥିଲେ ପ୍ରତିନିଧିସ୍ଥାନୀୟ ବ୍ୟକ୍ତିତ୍ୱ। ୧୯୦୩ ଡିସେମ୍ବର ୩୦ ଏବଂ ୩୧ରେ କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜା ଶ୍ରୀ କୃପାମୟ ସ୍ଥାୟୀ ସମିତିର ସଭ୍ୟ ଭାବେ ମନୋନୀତ ହୋଇଥିଲେ। ସେହିପରି ଶ୍ରୀ କୃପାମୟ ଉତ୍କଳ ସାହିତ୍ୟ ସମାଜର ମଧ୍ୟ ଅଭିଭାବକ ସଦସ୍ୟ ମନୋନୀତ ହୋଇଥିଲେ। ସେ ଥିଲେ ଉଦାର ରାଜା। ୧୯୦୬ରେ ଉତ୍କଳ ସମ୍ମିଳନୀର ଚତୁର୍ଥ ଅଧିବେଶନରେ ନାରୀ ଶିକ୍ଷାର ଉନ୍ନତି ଲାଗି କୃପାମୟ ସେତେବେଳେ୨ହଜାର ଟଙ୍କା ସମ୍ମିଳନୀକୁ ଦାନ କରିଥିଲେ। ତାଙ୍କ ବ୍ୟକ୍ତିତ୍ୱ ଓ ବଦାନ୍ୟତା ଅନନ୍ୟ ।




### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଆ ଅସ୍ମିତାର ପ୍ରତୀକ

**ଲେଖିକା– ତେଜସ୍ୱିନୀ ପଣ୍ଡା, ପ୍ରକାଶକ–ଟାଇମ୍ ପାସ୍, ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର, ମୂଲ୍ୟ–୧୨୫ଟଙ୍କା**


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଆ ଅସ୍ମିତାର ପ୍ରତୀକ ପୁସ୍ତକର ଲେଖିକା ତେଜସ୍ୱିନୀ ପଣ୍ଡା । ଲେଖିକା କମ୍ ବୟସ ହୋଇଥିଲେ ମଧ୍ୟ ତାଙ୍କ ଲେଖାର ଶୈଳୀ ଓ ସଂଗ୍ରହ ଅନ୍ୟମାନଙ୍କଠାରୁ ନିଆରା। ବିଷୟ ନିର୍ବାଚନ ବେଶ୍ ଭଲ। ଛୋଟ ଛୋଟ ବିଷୟକୁ ସୁନ୍ଦର ଭାବେ ଆଲୋଚନା କରାଯାଇଛି। ଯାହା ସୁଖପାଠ୍ୟ ଓ ସହଜ। ଦୁଃଖ ମଣିଷକୁ ବଞ୍ଚିବାର ରାହା ଦିଏ। ଲୁହ ଶିଖାଏ ବଞ୍ଚିବାର କଳା। ଯାହା ଜୀବନରେ ଆସୁଥିବା ଝଡବତାସକୁ ସାମ୍ନା କରିବାରେ ସହାୟକ ହୁଏ। ଦୁଃଖ ଯନ୍ତ୍ରଣା ଛାଇ ଆଲୁଅ ଖେଳରେ ଜିତିଛନ୍ତି ମହାମହିମ ଦ୍ରୌପଦୀ ମୁର୍ମୁ । ଯିଏକି ଭାରତର ପଞ୍ଚଦଶ ରାଷ୍ଟ୍ରପତି । ସେ ଆଜି ଦେଶର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି । ପ୍ରଥମ ଓଡ଼ିଆ ଭାବେ ଦେଶର ପ୍ରଥମ ନାଗରିକ ହେବା ପରେ ଆମେ ସମସ୍ତେ ତାଙ୍କ ପାଇଁ ଗର୍ବିତ ।




### ଓଡ଼ିଆ ପାଇକ ଗାଥା

**ପୀୟୂଷ ରଞ୍ଜନ ପରିଡା**
**ସତ୍ୟ ନାରାୟଣ ବୁକ୍ ଷ୍ଟୋର**
**ବିନୋଦ ବିହାରୀ, କଟକ–୨,**
**ମୂଲ୍ୟ–୮୪ଟଙ୍କା**

ଓଡ଼ିଆ ପାଇକ ଗାଥା ହେଉଛି ପୀୟୂଷ ରଞ୍ଜନ ପରିଡାଙ୍କ ଶିଶୁ ସାହିତ୍ୟ ସଂକଳନ। ଏଥିରେ ପିଲାଙ୍କ ଲାଗି ୨୫ଟି ଛୋଟ କବିତା ପ୍ରକାଶ ପାଇଛି। ଏ କବିତାଗୁଡିକୁ ପଢି ହେବ ଯେମିତି ସୁନ୍ଦର ଭାବରେ ଗାନ ମଧ୍ୟ କରାଯାଇ ପାରିବ । ପ୍ରତିଟି ଗୀତ ଭିତରେ ରହିଛି ଗୋଟିଏ ଗୋଟିଏ କାହାଣୀ । ଯାହା ବ୍ୟକ୍ତି ଜୀବନର ଝଲକ। ନିର୍ବାଚନ, ରାଜନୈତିକ ଛକାପଞ୍ଝାରେ ଚପିଯାଇଥିବା ଜନ ସମାଜର ଅସଲ ନେତା ବା ପାଇକ କିଏ, ତାହା ଜାଣିପାରିବେ ଏହି କବିତା ସଂକଳନରୁ । ପୁସ୍ତକଟି ସାଧାରଣ ଶିଶୁ କବିତା ସଂକଳନ ନୁହେଁ। ଏହା ଏକ ଉଲ୍ଲେଖନୀୟ ସାହିତ୍ୟ କୃତୀ । ଯାହାର ସାରସ୍ୱତ ଅବଦାନକୁ ପାଠକେ ଗ୍ରହଣ କରିବେ ।





# ଗୋଟେ ହାତ ଓ ଅଧା ଗୋଡରେ ପୃଥିବୀ ଭ୍ରମଣ

କିଛି ଲୋକ ନିଜର ସ୍ଥିତି ପାଇଁ ସବୁବେଳେ ଭାଗ୍ୟ ଓ ଭଗବାନଙ୍କୁ ଦୋଷ ଦେଇଥାନ୍ତି । ହେଲେ ଆଉ କେତେଜଣ ବିଶ୍ୱାସ କରନ୍ତି ନିଜର ଉପରେ । ଭାଗ୍ୟକୁ ଦୋଷାରୋପ ନ କରି ନିଜକୁ ସେମାନେ ସମର୍ଥ କରି ଗଢନ୍ତି । ଠିକ୍ ଯେମିତିକି ଏଇ ମହିଳା । କାନାଡାର ୨୫ ବର୍ଷୀୟା ଚାର୍ଲି ରାଉସିଉଙ୍କର ଜନ୍ମରୁ ଗୋଟିଏ ହାତ ନ ଥିବା ବେଳେ ଦୁଇ ଗୋଡ ସମ୍ପୂର୍ଣ୍ଣ ବିକଶିତ ନୁହେଁ । କହିବାକୁ ଗଲେ ଦୁଇ ଗୋଡ ଅଧା ହିଁ ଅଛି । ହେଲେ ସେ ନିଜର ଏଭଳି ସ୍ଥିତିକୁ ନିଜର ଦୁର୍ବଳତା ହେବାକୁ ଦେଇ ନାହାନ୍ତି । ଜୀବନକୁ ଖୁସିରେ ବିତାଇବା ସହ ନିଜର ସବୁ ସ୍ୱପ୍ନକୁ ପୂରଣ ବି କରୁଛନ୍ତି । ଏମିତିରେ ଅନେକ ବାଧା ବିଘ୍ନର ସାମ୍ନା କରିଛନ୍ତି । ହେଲେ ସେସବୁକୁ ଆଡେଇ ସେ ଜଣେ ରେଡିଓ ହୋଷ୍ଟ ହୋଇପାରିଛନ୍ତି । ତା'ସହ ପୃଥବୀ ଭ୍ରମଣ କରିବାର ସ୍ୱପ୍ନକୁ ବି ପୂରା କରିବା ପାଇଁ ବିଭିନ୍ନ ଦେଶ ବୁଲୁଛନ୍ତି । ସେ ମେକ୍ସିକୋ, ଅଷ୍ଟ୍ରେଲିଆ, ୟୁକେର ସବୁ ସ୍ଥାନ ଭ୍ରମଣ କରିସାରିଲେଣି । ଅନ୍ୟ ଦେଶଗୁଡିକୁ ଭ୍ରମଣ କରିବାର ପ୍ରୟାସ ଜାରି ରଖିଛନ୍ତି । ଭ୍ରମଣ ସମୟର ଫଟୋ ସେ ନିଜ ସୋସିଆଲ ଆକାଉଣ୍ଟରେ ଶେୟାର କରୁଛନ୍ତି । ଲୋକେ ସେସବୁକୁ ଦେଖି ତାଙ୍କ ସାହସ ଓ ଦୃଢମନୋବଳକୁ ବହୁତ ପ୍ରଶଂସା କରୁଛନ୍ତି ।

ବ୍ୟାକ୍ ପେଜ୍



# ଉଡନ୍ତା ବାଇକ








ଟ୍ରାଫିକ୍ ଜାମ୍ ପାଇଁ ବେଳେବେଳେ ଏତେ ବିରକ୍ତ ଲାଗେ ଯେ, ଇଛା ହୁଏ ଏମିତି ଗାଡି ଥାଆନ୍ତା କି ଉଡି ଉଡି ଯାଇ ହୁଅନ୍ତା । ତେବେ ଏଇ ଭାବନା ଏବେ ସତ ହେବାକୁ ଯାଉଛି । କାରଣ ଜାପାନର ଏକ ଷ୍ଟାର୍ଟଅପ୍ କମ୍ପାନୀ 'ଏୟରୱିନସ୍ ଟେକ୍ନଲୋଜ'ଭି' ତିଆରି କରିଛି ଏକ ଉଡନ୍ତା ବାଇକ୍ । ନିକଟରେ ସେ ଏହାକୁ ଡିଟ୍ରୟଟ୍ ଅଟୋ ଶୋ'ରେ ଲଞ୍ଚ କରିଛି । ଏହାକୁ ଏକ୍ସପର୍ଟମାନେ ବହୁତ ପ୍ରଶଂସା ବି କରିଛନ୍ତି । ଉକ୍ତ ବାଇକ୍‌ର ନାମ 'ଡୁରିଜ୍‌ମୋ' । ଡେଟ୍ରୟଟ୍ ଅଟୋ ଶୋ'ର ଅଧ୍ୟକ୍ଷ ନିଜେ ଏହାକୁ ଟେଷ୍ଟ କରିଛନ୍ତି । ଆଉ ନିଜର ଅନୁଭବକୁ ନେଇ ସେ କହିଛନ୍ତି ଯେ, ଏହା ବେଶ୍ ଉତ୍ସାହଜନକ ଓ ମଜାଦାର ଅଟେ । ହେଲେ ସ୍ୱପ୍ନକୁ ସତ କରୁଥିବା ଏହି ବାଇକ୍‌କୁ ପାଇବା ପାଇଁ ମୋଟା ଅଙ୍କର ଖର୍ଚ୍ଚ କରିବାକୁ ହେବ । କାରଣ ଏହାର ମୂଲ୍ୟ ୭ଲକ୍ଷ ୭୭ ହଜାର ଡଲାର । ଯାହାର ଭାରତୀୟ ମୂଲ୍ୟ ୬ କୋଟି ୧୮ ଲକ୍ଷ ଅଟେ । ଉକ୍ତ ବାଇକ୍‌ର ଓଜନ ୩୦୦କି.ଗ୍ରା. । ଉକ୍ତ ବାଇକ୍ ୧୦୦ କି.ମି. ପ୍ରତି ଘଣ୍ଟା ବେଗରେ ଉଡିପାରେ । ଉଡିବା ପାଇଁ ଏଥିରେ ଥିବା ବ୍ୟାଟେରୀରୁ ଶକ୍ତି ମିଳିଥାଏ । ଜାପାନରେ ବ୍ଲାକ, ବ୍ଲୁ ଓ ରେଡ୍ କଲର୍ ବାଇକ ବିକ୍ରି ପାଇଁ ଉପଲବ୍ଧ ଅଛି । ୨୦୨୩ରେ ଏହାର ବିକ୍ରି ଆମେରିକାରେ ହେବାର ଯୋଜନା ରହିଛି ।

# ଅନୁସନ୍ଧାନୀ ମୂଷା





ବିଭିନ୍ନ ପ୍ରାକୃତିକ ଦୁର୍ବିପାକରେ ଫଶି ଯାଇଥିବା ବ୍ୟକ୍ତି ହୁଅନ୍ତୁ ଅବା ବୋମାର ସନ୍ଧାନ, ଏସବୁରେ ଅନୁସନ୍ଧାନୀ କୁକୁରର ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେବେ 'ଅପୋପୋ' ନାମକ ସଂସ୍ଥାର ବୈଜ୍ଞାନିକମାନେ ଏବେ ଏହି ଜୀବନରକ୍ଷକ ଅନୁସନ୍ଧାନୀ କାମ ପାଇଁ ମୂଷାମାନଙ୍କୁ ତାଲିମ ଦେଉଛନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । କୁନି ପିଠିରେ ଲୋକେଶନ୍ ଟ୍ରାକର୍, କ୍ୟାମେରା, ମାଇକ୍ରୋଫୋନ୍ ଥିବା ବ୍ୟାକ୍‌ପ୍ୟାକ୍ ପିନ୍ଧାଯାଇ ଏହି ମୂଷାଙ୍କୁ ପଠାଯିବ ରେସ୍କ୍ୟୁ ଟିମ୍ ସହ । ଏମାନେ ଫଶି ରହିଥିବା ବ୍ୟକ୍ତିଙ୍କୁ ଖୋଜିବାରେ ସାହାଯ୍ୟ କରିବେ । ଫଳରେ ବଞ୍ଚିପାରିବ ଅନେକ ଜୀବନ । ସ୍କଟଲାଣ୍ଡର ୩୩ ବର୍ଷୀୟ ଅନୁସନ୍ଧାନୀ ବୈଜ୍ଞାନିକ ଡ. ଡୋନା କିନ୍ ଏହି ପ୍ରୋଜେକ୍ଟ ଉପରେ କାମ କରୁଛନ୍ତି । ଆଉ ସେ ୭ଟି ମୂଷାକୁ ତାଲିମ୍ ଦେଇସାରିଲେଣି । ଡୋନା କୁହନ୍ତି, ଆମେ ଆଫ୍ରିକାର ବଡ ବଡ ମୂଷାକୁ ତାଲିମ ଦେଉଛୁ । ଏମାନେ ଏବେ ଯେତେ ପ୍ରତିକୂଳ ପରିସ୍ଥିତି ହୋଇଥିଲେ ହେଁ ଖୁବ୍ ଭଲ ଭାବେ ସର୍ଚ୍ଚ ଓ ରେସ୍କ୍ୟୁ ଅପରେସନ୍ କରିବାରେ ସକ୍ଷମ । ଏହି ମୂଷାଙ୍କ ଭିତରୁ ଗୋଟିଏ ମୂଷା ଯାହାକୁ ହିରୋର୍ୟାଟ୍ ନାମରେ ନାମିତ କରାଯାଇଛି, ସେ ଅନୁସନ୍ଧାନୀ କାର୍ଯ୍ୟରେ ସାମିଲ ହୋଇ ଅନେକଙ୍କ ଜୀବନ ବଞ୍ଚାଇ ସାରିଲାଣି । ଏହି ମୂଷାଗୁଡିକୁ ବହୁତ ଯତ୍ନର ସହକାରେ ରଖାଯାଉଛି । ଖାଇବାକୁ ପୌଷ୍ଟିକର ଖାଦ୍ୟ ଦିଆଯାଉଥିବାବେଳେ ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷଣ ବି କରାଯାଉଛି । ଆଉ ଏମାନେ ଛୋଟ ଓ ଚଞ୍ଚଳ ହୋଇଥିବାରୁ ଅନୁସନ୍ଧାନ କାର୍ଯ୍ୟରେ ମୃତ୍ୟୁବରଣ କରିବାର ଆଶଙ୍କା ବି ବହୁତ କମ୍ ଥାଏ ।'